# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେ ର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦ • ମୂଲ୍ୟ-୫ଟଙ୍କା

VOL NO. - 11, ISSUE NO. - 17, DATE : 01.11.2024 - 15.11.2024 FORTNIGHTLY (ODIA), BHUBANESWAR. PAGES-08


## "ମେକ ଇନ୍ ଓଡ଼ିଶା" କନ୍‌କ୍ଲେଭର ଭେଲିକି ଓ ରାଜ୍ୟରେ ବେକାରୀର ବିକଳ ଚିତ୍ର

ସଂପ୍ରତି, ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝି ଏକ ବଡ ସରକାରୀ ଦଳକୁ ସାଙ୍ଗରେ ନେଇ ମୁମ୍ବାଇ ଓ ଦିଲ୍ଲୀରେ ଦେଶୀ ତଥା ବିଦେଶୀ ପୁଞ୍ଜିପତି ଏବଂ ବ୍ୟାଙ୍କ ମାଲିକମାନଙ୍କ ସହ ଜଣ ଜଣ କରି ଭେଟିଛନ୍ତି ଏବଂ ସେମାନଙ୍କୁ ଓଡିଶାରେ ପୁଞ୍ଜିନିବେଶ ପାଇଁ ପ୍ରବ ାଉଛନ୍ତି ବୋଲି ଖବର ମିଳିଛି। ପ୍ରକାଶିତ ଖବର ମୁତାବକ ତାଙ୍କର ଏହି କଥାବା ାରେ ଅନୁପ୍ରାଣିତ ହୋଇ ଓଡିଶାରେ କୁଆଡେ ଆସନ୍ତା ୫ବର୍ଷ ମଧ୍ୟରେ ୫ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହେବ ଏବଂ ନୂଆ କଳକାରଖାନା ଗଢିଉଠିବ ବୋଲି ତାଙ୍କର ସରକାର ଆଶା ପୋଷଣ କରିଛନ୍ତି।

ଏଥିପାଇଁ ଓଡିଶା ସରକାର ପୁଞ୍ଜିପତିମାନଙ୍କୁ ବୁଝାଉଛନ୍ତି ଯେ, ଓଡିଶାରେ ବ୍ୟବସାୟ କଲେ ସେମାନଙ୍କର କୌଣସି ଅସୁବିଧା ହେବ ନାହିଁ। ବ୍ୟବସାୟ କରିବାପାଇଁ ଯେଉଁ ସମସ୍ତ ସରକାରୀ ଅନୁମୋଦନ ଆବଶ୍ୟକ ହୁଏ, ସେସବୁ ଖୁବ ସହଜରେ ଯୋଗାଇ ଦିଆଯିବ। ସେମାନଙ୍କୁ ଗୋଟିଏ ଅଫିସରୁ ଅନ୍ୟ ଏକ ଅଫିସ ବୁଲିବାକୁ ପଡିବ ନାହିଁ। ସରକାର ସାଧାରଣ ଜନତାଙ୍କଠାରୁ ଜମି ଅଧିଗ୍ରହଣ କରି, ତା' ମଧ୍ୟ ଖୁବ ଶସ୍ତାରେ ପୁଞ୍ଜିପତିମାନଙ୍କୁ ଯୋଗାଇ ଦେବେ। ଏହା ସହିତ ରାଜ୍ୟରେ ଖଣିଜ ସଂପଦ, ଜଙ୍ଗଲ, ଜଳ ଯାହା କିଛି ଆବଶ୍ୟକ ସବୁକିଛି ଉପଲବ୍ଧ କରିଦେବେ, କାରଖାନା ପାଇଁ ଆବଶ୍ୟକ ଭି ି ଭୂମି ସରକାରୀ ଖର୍ଚ୍ଚରେ ଯୋଗାଇ ଦେବେ। ତେଣୁ ଓଡିଶା ହେଉଛି ବ୍ୟବସାୟ କରିବାର ସବୁଠାରୁ ଉତ୍କୃଷ୍ଟ ସ୍ଥାନ। ଏଠାରେ ବ୍ୟବସାୟ କଲେ ପୁଞ୍ଜିପତିମାନେ ନିଶ୍ଚିତ ସର୍ବୋଚ୍ଚ ମୁନାଫା ପାଇବେ, ସେହି କଥା ହିଁ ଓଡିଶା ସରକାର ସେମାନଙ୍କର କାନେ କାନେ ବୁଝାଇ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ଜଣ ଜଣ କରି ପୁଞ୍ଜିପତି ଓ ବ୍ୟାଙ୍କ ମାଲିକମାନଙ୍କୁ ବୁଝାଇବା ପରେ ମଧ କାଳେ ସେମାନେ ବୁଝିବାକୁ ଅମଙ୍ଗ ହେବେ ସେଥିପାଇଁ ଆହୁରି ପ୍ରାଞ୍ଜଳକରି ମନେଇ ନେବାପାଇଁ ଓଡିଶା ସରକାର ୨୦୨୫ ମସିହା ଜାନୁଆରୀ ୨୮-୨୯ ତାରିଖରେ ଗୋଟିଏ 'ଉତ୍କର୍ଷ ଓଡିଶା-ମେକ ଇନ୍ ଓଡିଶା' ସମ୍ମିଳନୀ ଭୁବନେଶ୍ୱରରେ ଅନୁଷ୍ଠିତ କରିବେ। ଏଥିରେ ଯୋଗଦେବାପାଇଁ ସ୍ୱୟଂ ମୁଖ୍ୟମନ୍ତ୍ରୀ ସମସ୍ତ ପୁଞ୍ଜିପତିମାନଙ୍କୁ ସାଦର ନିମନ୍ତ୍ରଣ କରି ଆସିଛନ୍ତି।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ବିଗତ ବିଜେଡି ସରକାରର ଶାସନ କାଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଧ ଏହିପରି ଦେଶ-ବିଦେଶ ବୁଲି ପୁଞ୍ଜିପତିମାନଙ୍କୁ ଓଡିଶାରେ ପୁଞ୍ଜିନିବେଶ ପାଇଁ ପ୍ରବ ାଉଥିଲେ। ଗତ ଏପ୍ରିଲ ୨୦୨୩ ମସିହାରେ ସେ ଏକ ବଡ ସରକାରୀ ଦଳ ସହ ଜାପାନ ଯାଇଥିଲେ ଓ ବିଦେଶୀ କମ୍ପାନୀମାନଙ୍କୁ ଓଡିଶାରେ ବ୍ୟବସାୟ କରିବାପାଇଁ ଆମନ୍ତ୍ରଣ କରିଥିଲେ। ଏହି ମେକ୍ ଇନ୍ ଓଡିଶା ସମ୍ମିଳନୀର ପ୍ରଥମ ସଂସ୍କରଣ ୨୦୧୬, ଦ୍ୱିତୀୟଟି ୨୦୧୮ ଓ ତୃତୀୟଟି ୨୦୨୨ରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀଗୁଡିକ ଥିଲା ବିଗତ ବିଜେଡି ସରକାରର ବହୁ ପ୍ରଚାରିତ କାର୍ଯ୍ୟକ୍ରମ। ଏଗୁଡିକ ଆୟୋଜନ କରିବା ଏବଂ ସରକାରୀ ଅର୍ଥ ବ୍ୟୟ କରି ରାଜ୍ୟ ଓ ଜାତୀୟ ଖବରକାଗଜ ଏବଂ ସମସ୍ତ ଗଣମାଧ୍ୟମରେ ଏହାର ବ୍ୟାପକ ପ୍ରଚାର କରାଇ, ବିଗତ ବିଜେଡି ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିପରି ଓଡିଶାର ଅର୍ଥନୈତିକ ପ୍ରଗତିର ମଙ୍ଗକୁ ଆଗକୁ ଟାଣି ନେଉଛନ୍ତି ସେକଥା ପ୍ରଚାରିତ ହେଉଥିଲା। ବ ମାନର ବିଜେପି ସରକାର ଏ ବାବଦରେ ପୂର୍ବ ବିଜେଡି ସରକାରର ହିଁ ପଦାଙ୍କ ଅନୁସରଣ କରୁଛି। ତେଣୁ ବିଗତ 'ମେକ ଇନ୍ ଓଡିଶା' ସମ୍ମିଳନୀରେ ହେଉ ବା ଏହି ପରି ସାରା ବିଶ୍ୱରେ ଓଡିଶା ସରକାର ଯେଉଁ ସମ୍ମିଳନୀ, କର୍ମଶାଳା ସବୁ ଆୟୋଜନ କରିଥିଲେ ତାହାର ଫଳସ୍ୱରୂପ ଓଡିଶାରେ କେତୋଟି ନୂଆ କଳକାରଖାନା ଗଢିଉଠିଛି ବା କେତେ ପରିମାଣର ପୁଞ୍ଜିନିବେଶ ହୋଇଛି ବା କେତୋଟି ନୂଆ ଚାକିରୀ ସୃଷ୍ଟି ହୋଇଛି ତାର ଏକ ହିସାବ ନେବା ଆବଶ୍ୟକ।

ଓଡିଶା ସରକାରଙ୍କର ଶିଳ୍ପ ମନ୍ତ୍ରଣାଳୟ ଅଧିନରେ ଇପିକଲ୍ ଏକ ସ୍ୱୟଂ ଶାସିତ ସଂସ୍ଥା, ଯାହାର ମୁଖ୍ୟ କାର୍ଯ୍ୟ ହେଉଛି ରାଜ୍ୟରେ ନୂତନ ଶିଳ୍ପ ଗଢିଉଠିବା ଲକ୍ଷ୍ୟରେ ପୁଞ୍ଜିନିବେଶ ପାଇଁ ପୁଞ୍ଜିପତିମାନଙ୍କୁ ପ୍ରବ ାଇବା। ଏହି ଇପିକଲ୍ ସଂସ୍ଥା ହିଁ ଓଡିଶା ସରକାରଙ୍କ ପକ୍ଷରୁ ଏହିପରି ସମସ୍ତ ସମ୍ମିଳନୀର ଆୟୋଜନ କରିଥାଏ। ଇପିକଲର ବ୍ୟୟ ଅଟକଳକୁ ତର୍ଜମା କଲେ ଜଣାପଡେ ଯେ ଗତ ପାଂଚ ବର୍ଷରେ ଓଡିଶା ସରକାର ଏହିପରି ସମ୍ମିଳନୀ ଆୟୋଜନ କରିବା, ହୋଡିଂ, ଖବର କାଗଜ ଓ ବିଭିନ୍ନ ଗଣମାଧ୍ୟମରେ ଏହାର ବହୁଳ ପ୍ରଚାର ପ୍ରସାର କରିବାପାଇଁ ମୋଟ ୩୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଏବେ ଦେଖିବା ସାଧାରଣ ଜନତାର ଟାକ୍ସ ଅର୍ଥରେ ଏହି ଯେଉଁ ବହୁ ଆଡମ୍ବର ପୂର୍ଣ୍ଣ ସମ୍ମିଳନୀ ଆୟୋଜନ ହେଲା ଏହାଫଳରେ ଓଡିଶାରେ କେତେ ଟଙ୍କାର ପୁଞ୍ଜିନିବେଶ ହୋଇଛି ଏବଂ କେତେ ନୂଆ ଚାକିରୀ ସୃଷ୍ଟି ହୋଇଛି।

ଇପିକଲର ୨୦୨୪ରେ ପ୍ରକାଶିତ ରିପୋର୍ଟ ମୁତାବକ ବିଗତ ତିନୋଟି "ମେକ ଇନ୍ ଓଡିଶା" ସଂସ୍କରଣରେ ମୋଟ ୧୬ ଲକ୍ଷ କୋଟି ଟଙ୍କା ବିନିଯୋଗରେ ୧୦୨୬ଟି ନୂଆ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପୁଞ୍ଜିପତିମାନେ ଉତ୍ସାହ ପ୍ରକାଶ କରିଥିଲେ ଓ ଆବେଦନ କରିଥିଲେ। ଏହା ଫଳରେ ପ୍ରାୟ ୧୮ ଲକ୍ଷ ଲୋକ ଚାକିରୀ ପାଇବେ ବୋଲି ମଧ ଆକଳନ କରାଯାଇଥିଲା। ଗତ ୮ବର୍ଷ ମଧ୍ୟରେ ଏହା ମଧ୍ୟରୁ ୬୫୬ଟି ଉଦ୍ୟୋଗକୁ ସରକାର ଅନୁମତି ମଧ ଦେଇଛନ୍ତି। କିନ୍ତୁ ଏହି ରିପୋର୍ଟ ପୁନରାୟ କହୁଛି ଯେ ଆଜି ପର୍ଯ୍ୟନ୍ତ ଏଥିମଧ୍ୟରୁ ମାତ୍ର ୨୭ଟି ଶିଳ୍ପ ପ୍ରତିଷ୍ଠା ହୋଇଛି ଏବଂ କାର୍ଯ୍ୟକ୍ଷମ ହୋଇଛି। ଅତ୍ୟନ୍ତ ଦୁଃଖର ବିଷୟ ଏହି ୨୭ଟି ଶିଳ୍ପ କ'ଣ କ'ଣ? ଏସବୁ କେଉଁଠାରେ ପ୍ରତିଷ୍ଠା ହୋଇଛି? ଏଥିରେ କେତେ ପରିମାଣର ପୁଞ୍ଜିଲଗାଣ ହେଲା? ସବୁଠାରୁ ବଡ କଥା ହେଉଛି ଏଥିରେ କେତେ ଲୋକ ଚାକିରି ପାଇଲେ? ତାହାର କୌଣସି ହିସାବ ଦିଆଯାଇ ନାହିଁ। ତେଣୁ ଯଦିଓ ରିପୋର୍ଟଟି ୧୮ ଲକ୍ଷ ଚାକିରୀ ସୃଷ୍ଟି ହେବାର ଆକଳନ କଥା କହୁଛି, କିନ୍ତୁ ଗୋଟିଏ ବି ଚାକିରି

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ଭାରତରେ ଅବୈଧ ଅନୁପ୍ରବେଶ ଭୂତ ଓ ଆମେରିକାରେ ଭାରତୀୟମାନଙ୍କର ବେଆଇନ ଅନୁପ୍ରବେଶ

ଦେଶରେ ନିର୍ବାଚନ ଆସିଲେ ବିଜେପି-ଆରଏସ୍ଏସ୍ ପକ୍ଷରୁ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀ ପ୍ରସଙ୍ଗ ଉଠାଯାଏ ଏବଂ ଏହାକୁ ଆଧାର କରି ଦେଶରେ ମୁସଲମାନ ବିରୋଧି ସାଂପ୍ରଦାୟିକ ଉ େଜନା ସୃଷ୍ଟି କରାଯାଏ। ସାଂପ୍ରଦାୟିକ ତିକ୍ତତା ସୃଷ୍ଟିକରି ଭୋଟ ବୈତରଣୀ ପାର ହେବାକୁ ଉଦ୍ୟମ କରାଯାଏ। ବିଜେପି କଲ୍ୟାଣରେ ଆସାମ ଓ ପଶ୍ଚିମବଙ୍ଗରେ ବେଆଇନ ଅନୁପ୍ରବେଶ ଏକ ବଡ ନିର୍ବାଚନୀ ପ୍ରସଙ୍ଗରେ ପରିଣତ ହୋଇଛି। ବାଙ୍ଗଲାଦେଶୀ ଅନୁପ୍ରବେଶକାରୀମାନଙ୍କ ବ୍ୟତୀତ ରୋହିଙ୍ଗିଆ ଅନୁପ୍ରବେଶକାରୀଙ୍କ ପ୍ରସଙ୍ଗ ମଧ ମଝିରେ ମଝିରେ ଉଠେ। ଆମ ରାଜ୍ୟରେ ମଧ୍ୟ କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାର ସମୁଦ୍ର ଉପକୂଳବ ୀ ଅଂଚଳରେ ବାଙ୍ଗଲାଦେଶୀ ଅନୁପ୍ରବେଶ ଭୂତ ଠିଆ କରାଇବାପାଇଁ ଉଦ୍ୟମ କରାଯାଏ। ବାଙ୍ଗଲାଦେଶୀ ଓ ରୋହଙ୍ଗିଆ ଅନୁପ୍ରବେଶକାରୀମାନଙ୍କ ରେସନ କାର୍ଡ ରଦ୍ଦ କରାଯିବ ବୋଲି ସଂପ୍ରତି ରାଜ୍ୟ ଯୋଗାଣ-ମନ୍ତ୍ରୀ ବିବୃ ି ଦେଇଛନ୍ତି। ଝାଡଖଣ୍ଡରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନରେ ମଧ ବେଆଇନ ବାଙ୍ଗଲାଦେଶୀ ଅନୁପ୍ରବେଶ ପ୍ରସଙ୍ଗକୁ ଉଠାଇବା ପାଇଁ ବିଜେପି ପକ୍ଷରୁ ସମସ୍ତ ଉଦ୍ୟମ କରାଯାଉଛି। ବ୍ୟାପକ ବେଆଇନ ଅନୁପ୍ରବେଶ ଯୋଗୁ ସାନ୍ତାଳ ପ୍ରଗଣାରେ ଆଦିବାସୀମାନଙ୍କ ସଂଖ୍ୟା କମୁଛି ବୋଲି ପ୍ରଚାର କରାଯାଉଛି। ପାଠକମାନଙ୍କର ସ୍ମରଣ ଥିବ ଏହି ବେଆଇନ ଅନୁପ୍ରବେଶକାରୀମାନଙ୍କୁ ଚିହ୍ନଟ କରି ଦେଶରୁ ବିତାଡିତ କରିବାପାଇଁ ଆସାମରେ ଏନ୍ଆରସି ପ୍ରସ୍ତୁତ କରାଯାଇଥିଲା ଏବଂ ଏହାକୁ ସୁପ୍ରିମକୋର୍ଟ ସିଧାସଳଖ ପରିଚାଳନା କରୁଥିଲେ। ମାତ୍ର ଏନ୍ଆରସି ରିପୋର୍ଟ ଆସିବା ପରେ ଆସାମ ସରକାର ଏହାକୁ କାର୍ଯ୍ୟକାରୀ କରିବେ ନାହିଁ ବୋଲି ଘୋଷଣା କରି କୁଡ ଦାନୀରେ ପକାଇ ଦେଇଛନ୍ତି। କାରଣ ଏହି ରିପୋର୍ଟ ଅନୁଯାୟୀ ଲକ୍ଷ ଲକ୍ଷ ହିନ୍ଦୁ ସେମାନଙ୍କର ନାଗରିକତା ସପକ୍ଷରେ କାଗଜପତ୍ର ଦାଖଲ କରିପାରିଲେ ନାହିଁ। ତେବେ ଆସାମରେ ଏନ୍ଆରସି ପ୍ରସ୍ତୁତ କରିବାପାଇଁ ଆସାମ ସରକାର ଦରିଦ୍ର ଟିକସ ଦାତାଙ୍କର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କଲେ। ଏନ୍ଆରସି ପାଇଁ କାଗଜପତ୍ର ଯୋଗାଡ କରିବାକୁ ସାଧାରଣ ଲୋକ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ। ଶହ ଶହ ଲୋକ ମୃତ୍ୟୁବରଣ କଲେ। ହଜାର ହଜାର ଲୋକ ବର୍ଷ ବର୍ଷ ଧରି ଅଟକ ଶିବିରରେ ବନ୍ଦୀ ହୋଇ ରହିଲେ। ଆଶ୍ଚର୍ଯ୍ୟଜନକ ଭାବରେ ଆସାମ ସରକାରଙ୍କର ଏହି ପଦକ୍ଷେପରେ ସୁପ୍ରିମକୋର୍ଟ ନିରବ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ଔଷଧର ଦରବୃଦ୍ଧି - ପୁଞ୍ଜିପତିମାନଙ୍କର ପୁଷମାସ, ଜନସାଧାରଣଙ୍କର ସର୍ବନାଶ

ଚଳିତ ବର୍ଷ ଏପ୍ରିଲ ମାସରେ ପାରାସିଟାମଲ ସହ ୮୦୦ଟି ଔଷଧର ଦରବୃଦ୍ଧି କରିବାପରେ ଅକ୍ଟୋବର ମାସରେ ଆହୁର ୮ ଟି ଔଷଧର ଦର ଶତକଡା ୫୦ଭାଗ ବୃଦ୍ଧି କରାଯାଇଛି। କହିବା ବାହୁଲ୍ୟ, କେନ୍ଦ୍ର ବିଜେପି ସରକାର ଏହି ଦରବୃଦ୍ଧି କରିଛି। ଏହି ଧରଣର ମାରାତ୍ମକ ଦରବୃଦ୍ଧି ପାଇଁ କେନ୍ଦ୍ର ସରକାର ନ୍ୟାସନାଲ ଫାର୍ମାସ୍ୟୁଟିକାଲ ପ୍ରାଇସିଂ ଅଥରିଟି(NPPA)ର ପ୍ରସ୍ତାବକୁ ଅନୁମୋଦନ କରିଛି।

ତେବେ ଏହି ଧରଣର ଅସ୍ୱାଭାବିକ ଦରବୃଦ୍ଧିର କାରଣ କ'ଣ? ଔଷଧ କମ୍ପାନୀମାନଙ୍କର ଯୁକ୍ତି ହେଉଛି ଔଷଧ ପ୍ରସ୍ତୁତ କରିବାପାଇଁ ଆବଶ୍ୟକ ହେଉଥିବା କଂଚାମାଲର ଦର ବୃଦ୍ଧି ହେବା ଫଳରେ ଔଷଧ ପ୍ରସ୍ତୁତ କରିବା ଖର୍ଚ୍ଚ ବଢୁଛି। ସେଥିପାଇଁ ଦାମ ବଢାଇବାକୁ ହେବ। ତା' ନହେଲେ ଏସବୁ ଔଷଧ ବଜାରକୁ ଆସିପାରିବ ନାହିଁ। ସେଥିପାଇଁ ଆଜ୍‌ମା, ଗ୍ଲୁକୋମା, ଥାଲାସେମିଆ, ଯକ୍ଷ୍ମା ଓ ମାନସିକ ରୋଗର ଔଷଧ ଦାମ ଶତକଡା ୫୦ଭାଗ ବୃଦ୍ଧି କରିବାପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ସ୍ୱାଭାବିକ ଭାବରେ ଦେଶର ସାଧାରଣ ଲୋକଙ୍କୁ ଏହି ବୋଝ ବୋହିବାକୁ ହେବ।

ଏହି ଧରଣର ଦରବୃଦ୍ଧିରୁ ସାଧାରଣ ଲୋକଙ୍କୁ ରକ୍ଷା କରିବାପାଇଁ ସରକାରଙ୍କର କ'ଣ କିଛି କରିବାର ନଥିଲା? ଏହି ଦରବୃଦ୍ଧି ଜରୁରୀ ଥିଲା କି ନା ସେକଥା ସରକାର କ'ଣ ପ୍ରକୃତରେ ତର୍ଜମା କରିଛନ୍ତି? ଔଷଧ କମ୍ପାନୀ ମାନଙ୍କର ଏହି ଦାବି ଯଦି ସତ ହୋଇଥାଏ ତା'ହେଲେ ବି ସରକାର କ'ଣ କଂଚାମାଲ ଓ ଔଷଧ ଉପରେ କର, ଟିକସ ହ୍ରାସ କରି ଏବଂ ଆବଶ୍ୟକ ସ୍ଥଳେ ସବ୍‌ସିଡି ଦେଇ ଏହି ଦରବୃଦ୍ଧିରୁ ଜନସାଧାରଣଙ୍କୁ ସୁରକ୍ଷା ଦେଇ ପାରିନଥାନ୍ତେ? ସରକାର ତ ପୁଞ୍ଜିପତିମାନଙ୍କୁ ହଜାର ହଜାର କୋଟି ଟଙ୍କା ସବ୍‌ସିଡି ଦିଅନ୍ତି। ବ୍ୟାଙ୍କରୁ ଋଣ ନେଇ ଇଚ୍ଛାକୃତ ଭାବରେ ଋଣ ପରିଶୋଧ କରୁନଥିବା କମ୍ପାନୀ ମାନଙ୍କ ଋଣ ସରକାର ପରିଶୋଧ କରନ୍ତି। ଏସବୁ କରିବାପାଇଁ ତ ସରକାରଙ୍କ ପାଖରେ ଟଙ୍କାର

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

### ଭିତର ପୃଷ୍ଠାରେ


- ★ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ଆହ୍ୱାନରେ ଭୁବନେଶ୍ୱରଠାରେ କର୍ମୀସଭା।
- ★ ନଭେମ୍ବର ବିପ୍ଳବର ଶିକ୍ଷା - ବିପ୍ଳବୀ ପାର୍ଟି ଏକ ଲକ୍ଷ୍ୟହୀନ ବିତର୍କ ସଭା ନୁହେଁ।
- ★ ଧାନର ଅଭାବୀ ବିକ୍ରି : କେନ୍ଦ୍ର ସରକାରଙ୍କ ଏମ୍ଏସ୍‌ପି ଓ ରାଜ୍ୟ ସରକାରଙ୍କ ବୋନସ୍।

# ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ଆହ୍ୱାନରେ ଭୁବନେଶ୍ୱରଠାରେ କର୍ମୀସଭା

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟିର ଆହ୍ୱାନରେ ଅକ୍ଟୋବର ୩ତାରିଖରେ ଭୁବନେଶ୍ୱର କସ୍ତୁରବା ନାରୀ ମହଲଠାରେ ପାର୍ଟିର କର୍ମୀମାନଙ୍କର ଏକ ରାଜ୍ୟ ସ୍ତରୀୟ କର୍ମୀସଭା ଆୟୋଜିତ ହୋଇଥିଲା । ପାର୍ଟି ରାଜ୍ୟ ସଂପାଦକ ତଥା କେନ୍ଦ୍ରୀୟ କମିଟିର ସଦସ୍ୟ କମ୍ରେଡ ଶଙ୍କର ଦାସଗୁପ୍ତଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କର୍ମୀ ସଭାରେ ଦଳର ପଲିଟ୍‌ବ୍ୟୁରୋ ସଦସ୍ୟ କମ୍ରେଡ୍ ଚଣ୍ଡୀଦାସ ଭଟ୍ଟାଚାର୍ଯ୍ୟ ମୁଖ୍ୟ ଆଲୋଚକ ଭାବରେ ଯୋଗ ଦେଇଥିଲେ । 'ବର୍ତ୍ତମାନ ରାଜନୈତିକ ପରିସ୍ଥିତି ଓ କେତେକ ସାଂଗଠନିକ ପ୍ରସଙ୍ଗ' ଉପରେ ଏହି କର୍ମୀସଭାରେ ଆଲୋଚନା କରାଯାଇଥିଲା । କମ୍ରେଡ ଚଣ୍ଡୀଦାସ ଭଟ୍ଟାଚାର୍ଯ୍ୟ ଏହି ବିଷୟ ଉପରେ ବିସ୍ତାରିତ ଭାବରେ ଦୀର୍ଘ ଆଲୋଚନା କରିଥିଲେ । ତାଙ୍କ ଆଲୋଚନାର ସାରମର୍ମ ଦଳର କର୍ମୀ, ସମର୍ଥକ, ଦରଦୀ ତଥା ସର୍ବହରା କ୍ରାନ୍ତିର ଅଗଣିତ ପାଠକମାନଙ୍କ ପାଇଁ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ପ୍ରକାଶ କରାଯାଉଛି ।

ସଂପାଦକ- ସର୍ବହରା କ୍ରାନ୍ତି

କମ୍ରେଡ୍‌ସ,

ବର୍ତ୍ତମାନର ରାଜନୈତିକ ପରିସ୍ଥିତିରେ ଦଳର କେନ୍ଦ୍ରୀୟ ନେତୃତ୍ୱ ଆମଠାରୁ କ'ଣ ଆଶା କରୁଛନ୍ତି । ଦେଶର ବର୍ତ୍ତମାନର ରାଜନୈତିକ ପରିସ୍ଥିତିକୁ ଆମେ ଯଥାର୍ଥ ବିପ୍ଲବୀ ଦୃଷ୍ଟିଭଙ୍ଗୀରୁ କିଭଳି ଦେଖିବା ଉଚିତ ସେ ସଂପର୍କରେ ମୁଁ ପ୍ରଥମେ ଆଲୋଚନା କରିବି । ଗତ ନିର୍ବାଚନରେ ଓଡିଶାରେ ବିଜେଡି ଦଳ ପରାଜିତ ହୋଇଛି ଏବଂ ବିଜେପି ଦଳ କ୍ଷମତାକୁ ଆସିଛି । କେନ୍ଦ୍ରରେ ବିଜେପି ଦଳ ଅନ୍ୟାନ୍ୟ କେତେକ ଦଳ ସହିତ ମିଶି ସରକାର ଗଠନ କରିଛି ମାତ୍ର ନିର୍ବାଚନ ପୂର୍ବରୁ ପ୍ରଚାର କରିଥିବା ୪୦୦ ପାର କରିପାରିନାହିଁ । ଅଯୋଧ୍ୟାରେ ରାମଲାଲାଙ୍କ ପ୍ରତିଷ୍ଠା ସତ୍ତ୍ୱେ ମଧ୍ୟ ବିଜେପି ଉତ୍ତର ପ୍ରଦେଶରେ ନିର୍ବାଚନୀ ସଫଳତା ପାଇନାହିଁ । ପଶ୍ଚିମବଙ୍ଗରେ ପ୍ରବଳ ତୃଣମୂଳ ବିରୋଧୀ ମାନସିକତା ଥିବା ସତ୍ତ୍ୱେ ସେଠାରେ ବିଜେପିର ଆସନ ସଂଖ୍ୟା ହ୍ରାସ ପାଇଛି । ଓଡିଶାରେ ସରକାର ପରିବର୍ତ୍ତନ ହୋଇଥିବାରୁ ସାଧାରଣ ଲୋକ ସ୍ୱାଭାବିକ ଭାବରେ ଆଶା କରୁଛନ୍ତି, ନୂଆ ସରକାର ଲୋକଙ୍କ ପାଇଁ କିଛି କରିବ । ତେବେ ବିଜେପି ଦଳର ମୂଳ ରାଜନୀତି ହେଉଛି ଦେଶର ସଂଖ୍ୟାଗରିଷ୍ଠ ହିନ୍ଦୁମାନଙ୍କ ମଧ୍ୟରେ ଥିବା ଧର୍ମୀୟ ଭାବନା ଓ ଆବେଗକୁ କାମରେ ଲଗାଇ ଐତିହ୍ୟବାଦ ଜାଗ୍ରତ କରି ଏବଂ ଉଗ୍ର ସାଂପ୍ରଦାୟିକ ବିଦ୍ୱେଷ ସୃଷ୍ଟିକରି ଭୋଟବ୍ୟାଙ୍କ ତିଆରି କରିବା । ଦେଶର ନବଜାଗରଣ ସମୟରେ ସୃଷ୍ଟି ହୋଇଥିବା ମୂଲ୍ୟବୋଧ ଓ ପରମ୍ପରାକୁ ବିଜେପି ଧୂଳିସାତ କରିବାକୁ ଉଦ୍ୟମ କରୁଛି । ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରୁଛି । ସବୁକିଛିକୁ ଉଗ୍ର ହିନ୍ଦୁତ୍ୱର ଆଧାରରେ ପରିଚାଳିତ କରିବାପାଇଁ ଉଦ୍ୟମ ହେଉଛି । ଏହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡୁଛି । ପୁଣି ଅନ୍ୟଦିଗରେ ଜୀବନ ଜୀବିକା କ୍ଷେତ୍ରରେ ଘୋର ସଂକଟରେ ପଡି ସାଧାରଣ ଲୋକ ଏଥିରୁ ତ୍ରାହି ପାଇବା ପାଇଁ ରାସ୍ତା ଖୋଜୁଛନ୍ତି । ସାଂପ୍ରଦାୟିକ ପ୍ରଚାରକରି ବିଜେପି ଦଳ ଓ ସରକାର ଲୋକଙ୍କ ଅସନ୍ତୋଷକୁ ଚାପି ଦେଇ ପାରୁନାହିଁ । ସାଧାରଣ ଲୋକ ସ୍ୱତଃସ୍ଫୂର୍ତ୍ତ ଆନ୍ଦୋଳନରେ ଫାଟି ପଡୁଛନ୍ତି । ଏ ଦୁଇଟା ହିଁ ଘଟୁଛି ।

ସ୍ୱାଧୀନତା ଅର୍ଜନ ସହିତ ଏ ଦେଶରେ ପୁଞ୍ଜିପତିମାନଙ୍କ ଶାସନ ପ୍ରତିଷ୍ଠା ହୋଇଛି । ସ୍ୱାଧୀନତା ପରଠାରୁ କେନ୍ଦ୍ର ଓ ବିଭିନ୍ନ ରାଜ୍ୟରେ ବହୁ ସରକାର ପରିବର୍ତ୍ତନ ହୋଇଛି । ଲୋକ ଭାବୁଛନ୍ତି ଆମେ ସରକାର ପରିବର୍ତ୍ତନ କରିଦେଲୁ । ବାରବାର ସରକାର ପରିବର୍ତ୍ତନ ହେବାଫଳରେ ଦେଶରେ ପ୍ରକୃତ ଗଣତନ୍ତ୍ର ରହିଛି ଏବଂ ଭାରତ ବିଶ୍ୱର ବୃହତ୍ତମ ଗଣତନ୍ତ୍ର ବୋଲି ପ୍ରଚାର କରାଯାଉଛି । ନିର୍ବାଚନରେ ଜନମତର ପ୍ରତିଫଳନ ଘଟୁଛି ବୋଲି ଦାବି କରାଯାଉଛି । ସରକାର ପରିବର୍ତ୍ତନ କରିବା ପାଇଁ ଲୋକଙ୍କର ଅଧିକାର ରହିଛି ବୋଲି କୁହାଯାଉଛି । ଅର୍ଥବଳ, ବାହୁବଳ, ପ୍ରଚାର ବଳ ସହିତ ସରକାରୀ କଳ ଭୋଟ ଫଳାଫଳକୁ ଗଭୀର ଭାବରେ ପ୍ରଭାବିତ କରୁଥିଲେ ମଧ୍ୟ ଲୋକ ଭାବୁଛନ୍ତି ଦେଶରେ ଗଣତନ୍ତ୍ର ରହିଛି, ତା' ନହେଲେ ସରକାର ପରିବର୍ତ୍ତନ ହେଉଛି କିଭଳି ? ସାଧାରଣ ଲୋକଙ୍କ ମଧ୍ୟରେ ରହିଥିବା ଏହି ଧରଣର ବିଭ୍ରାନ୍ତି ଦୂର କରିବାକୁ ହେବ ଏବଂ ସେମାନଙ୍କୁ ବୁଝାଇ ଦେବାକୁ ହେବ ଯେ ଏହି ପରିବର୍ତ୍ତନ ସହିତ ଲୋକଙ୍କର ଭଲମନ୍ଦର କୌଣସି ସଂପର୍କ ନାହିଁ । ଏ ସଂପର୍କରେ ମାର୍କ୍ସବାଦ-ଲେନିନବାଦ ଓ କମ୍ରେଡ ଶିବଦାସ ଘୋଷଙ୍କ ଶିକ୍ଷାର ମୂଳକଥା ଲୋକଙ୍କୁ ବୁଝାଇ ଦେବାକୁ ହେବ ।

ଲୋକଙ୍କୁ ବୁଝାଇବାକୁ ହେବ ଯେ ମୂଳ କଥା ହେଉଛି ଦେଶର ଅର୍ଥନୈତିକ ବ୍ୟବସ୍ଥା ଏବଂ ଉତ୍ପାଦନ ବ୍ୟବସ୍ଥା । ଏହା ହିଁ ସମାଜର ଅର୍ଥନୈତିକ ଭିତ୍ତି । ଏହି ଭିତ୍ତିକୁ ଆଧାର କରିହିଁ ଶିକ୍ଷା, ସାହିତ୍ୟ, ଚାରୁକଳା, ସଂଗୀତ ଇତ୍ୟାଦି ସବୁକିଛି ଗଢିଉଠେ । ସ୍ୱାଧୀନତାପରେ ଆମ ଦେଶରେ ପୁଞ୍ଜିବାଦୀ ବ୍ୟବସ୍ଥା ପ୍ରତିଷ୍ଠିତ ହୋଇଛି । ଏହି ବ୍ୟବସ୍ଥାଟି ହେଉଛି ଗୋଟିଏ ବିଷ ବୃକ୍ଷ ସଦୃଶ । ଏହାର ବିଷ ଫଳ ସମାଜରେ ଦାରିଦ୍ର୍ୟ, ବେକାରୀ, ଅଶିକ୍ଷା, ପୁଷ୍ଟିହୀନତା, ନାରୀର ଚରମ ଅବମାନନା, ସାଂସ୍କୃତିକ ଅବକ୍ଷୟକୁ ଜନ୍ମ ଦେଉଛି । ଏଥିରୁ ରକ୍ଷା ପାଇବାକୁ ହେଲେ ଏହି ବିଷ ବୃକ୍ଷଟିକୁ ସମୂଳେ ଉତ୍ପାଟନ କରିବାକୁ ହେବ । ଏହି ବିଷବୃକ୍ଷଟିକୁ ବଂଚାଇ ରଖି, ଅର୍ଥାତ୍ ଶୋଷଣମୂଳକ ପୁଞ୍ଜିବାଦୀ ବ୍ୟବସ୍ଥାକୁ ଅତୁଟ ରଖି ଭୋଟ ମାଧ୍ୟମରେ ସରକାର ପରିବର୍ତ୍ତନ କରି ସାଧାରଣ ଲୋକ ଏହି ବିଷ ବୃକ୍ଷର ବିଷ ଜ୍ୱାଳାରୁ ମୁକ୍ତି ପାଇ ପାରିବେ ନାହିଁ । ମାତ୍ର ପ୍ରଚାର ହୁଏ ଭିନ୍ନ ପ୍ରକାର । କୁହାଯାଏ ଦେଶରେ ଗଣତନ୍ତ୍ର ରହିଛି, ବହୁ ଦଳ ରହିଛି, ନିଜ ପସନ୍ଦ ମୁତାବକ ଦଳ ଲୋକ ବାଛି ନେଇ ପାରିବେ । ମାତ୍ର ଏହା ସତ୍ୟ ଯେ, ଭୋଟ ମାଧ୍ୟମରେ ଯେଉଁ ଦଳ କ୍ଷମତାକୁ ଆସିଲେ ମଧ୍ୟ ପୁଞ୍ଜିବାଦୀ ବ୍ୟବସ୍ଥା, ଅର୍ଥାତ୍ ବିଷବୃକ୍ଷଟି ଅତୁଟ ରହିବ, ଲୋକଙ୍କର ଦୁରାବସ୍ଥା ମଧ୍ୟ ଦୂର ହେବନାହିଁ । ଏହା ଲୋକଙ୍କୁ ଉପଯୁକ୍ତ ଭାବରେ ବୁଝାଇବାକୁ ହେବ ।

ଦେଶରେ ପ୍ରତିଷ୍ଠିତ ପୁଞ୍ଜିବାଦୀ ବ୍ୟବସ୍ଥାର ମୂଳକଥା ହେଉଛି ଲାଭ ପାଇଁ ଉତ୍ପାଦନ ଏବଂ ଉତ୍ପାଦନର ଉଦ୍ଦେଶ୍ୟ ହେଉଛି ସର୍ବୋଚ୍ଚ ମୁନାଫା । ମାଲିକମାନଙ୍କ ହାତରେ ସମସ୍ତ ସଂପଦ ଠୁଳ ହୋଇଛି । ସେମାନେ ପୁଞ୍ଜି ଖଟାନ୍ତି । ପଣ୍ୟ ଉତ୍ପାଦନ ହୁଏ, ଏହି ପଣ୍ୟ ବଜାରରେ ବିକ୍ରି ହୁଏ । ମାଲିକ ମୁନାଫା ଅର୍ଜନ କରେ । ଶ୍ରମିକ କଳକାରଖାନାରେ କାମକରେ, ମଜୁରୀ ପାଏ । ତେବେ ଶ୍ରମିକ ଯେଉଁ ମଜୁରୀ ପାଏ ତା' ହେଉଛି ଶ୍ରମିକର ୩ଘଣ୍ଟା କାମର ମୂଲ୍ୟ । ଶ୍ରମିକର ବାକି ୫ଘଣ୍ଟା କାମର ମୂଲ୍ୟକୁ ମାଲିକ ଶ୍ରମିକକୁ ନ ଦେଇ ମୁନାଫା ଆକାରରେ ଲୁଟିନିଏ । ଏହାକୁ କୁହାଯାଏ ଉଦ୍‌ବୃତ୍ତ ମୂଲ୍ୟ(Surplus Value) । ମହାନ କାର୍ଲ ମାର୍କ୍ସ ବିଶ୍ଳେଷଣ କରି ଏହା ଦର୍ଶାଇଛନ୍ତି । ଏ ବିଷୟଟିକୁ ଆମକୁ ଲୋକଙ୍କୁ ବୁଝାଇବାକୁ ହେବ ।

ପୁଣି ଶ୍ରମିକ ଶୋଷଣକୁ ଭିତ୍ତି କରି ଗଢିଉଠିଥିବା ଓ ତିଷ୍ଠି ରହିଥିବା ଏହି ବ୍ୟବସ୍ଥାକୁ ରକ୍ଷା କରିବାପାଇଁ ପୁଲିସ, ମିଲିଟାରୀ, ଅମଲାତନ୍ତ୍ର ଓ ବିଚାର ବିଭାଗ ରହିଛି । ଯାହା ଭୋଟ ଦ୍ୱାରା ପରିବର୍ତ୍ତନ ହୁଏ ନାହିଁ । ଏହା ହିଁ ରାଷ୍ଟ୍ର, ପୁଞ୍ଜିବାଦୀ ରାଷ୍ଟ୍ର । ଏହି ରାଷ୍ଟ୍ର ମାଲିକ ପୁଞ୍ଜିପତି ଶ୍ରେଣୀକୁ ରକ୍ଷା କରୁଛି । ମାତ୍ର ଏହି ସତ୍ୟକୁ ଲୋକଙ୍କୁ ଜାଣିବାକୁ ଦିଆଯାଏ ନାହିଁ । ଲୋକଙ୍କୁ ବୁଝାଇବାକୁ ହେବ ଯେ, ଏହି ସତ୍ୟକୁ ଗୋପନରେ ରଖିବାପାଇଁ ହିଁ ଦେଶରେ ଭୋଟ ହୁଏ । ଭୋଟ ଜରିଆରେ ସରକାର ବଦଳେ । ପୁଞ୍ଜିବାଦୀ ବ୍ୟବସ୍ଥାର ସେବାଦାସ ବୁଦ୍ଧିଜୀବୀ ଓ ସ୍ତମ୍ଭକାର ମାନେ ଶାନ୍ତିବାଣୀ ପ୍ରଚାର କରନ୍ତି । ଭୋଟ ସର୍ବସ୍ୱତାର ଚୌହଦୀ ମଧ୍ୟରେ ହିଁ ମଣିଷର ଚିନ୍ତାକୁ ଆବଦ୍ଧକରି ରଖିବା ପାଇଁ ଉଦ୍ୟମ ହୁଏ । ଏକଚାଟିଆ ପୁଞ୍ଜିପତିମାନଙ୍କ ଅର୍ଥରେ ରାଜନୈତିକ ଦଳମାନେ ଭୋଟ ଲଢନ୍ତି, ହାର ଜିତ ହୁଏ । ବିଭିନ୍ନ ଦଳର ସମର୍ଥକମାନେ ନାଚନ୍ତି, ଖୁସୀ ହୁଅନ୍ତି ମାତ୍ର ପୁଞ୍ଜିପତିମାନେ ହସନ୍ତି । ଭାବନ୍ତି କେତେ ସହଜରେ ଲୋକଙ୍କୁ ବୋକା ବନେଇ ଦିଆଯାଉଛି । କାରଣ ଯେଉଁ ଦଳ ସରକାର କଲେବି ସେହି ସରକାର ଏକଚାଟିଆ ପୁଞ୍ଜିପତିଙ୍କର, ସାଧାରଣ ଲୋକଙ୍କର ନୁହେଁ । ଏକଥା ଲୋକଙ୍କୁ ବୁଝାଇବାକୁ ହେବ । ସେଥିପାଇଁ ଲେନିନ୍ କହିଛନ୍ତି, "କେବଳ ଗଣତନ୍ତ୍ର କହିଲେ ଚଳିବ ନାହିଁ । କେଉଁ ଶ୍ରେଣୀର ଗଣତନ୍ତ୍ର ସେକଥା ସ୍ପଷ୍ଟ ଭାବରେ କହିବାକୁ ହେବ ।"

ସରକାର ପ୍ରଚାର କରୁଛନ୍ତି ଯେ ଦେଶ ଆଗେଇ ଚାଲିଛି । ଏହା ଅର୍ଥ କ'ଣ ? ଏ କ୍ଷେତ୍ରରେ ଆମକୁ ବିଜ୍ଞାନ ସମ୍ମତ ଦୃଷ୍ଟିଭଙ୍ଗୀ ପୋଷଣ କରିବାକୁ ହେବ । ଶ୍ରମିକ ଓ ମାଲିକ ମାନଙ୍କର ସ୍ୱାର୍ଥ ଏକାସାଙ୍ଗରେ ରକ୍ଷା କରାଯିବା ସମ୍ଭବ ନୁହେଁ । ସେଥିପାଇଁ ଦେଶ ଆଗେଇବାର ଅର୍ଥ ମାଲିକ ଓ ଶ୍ରମିକମାନଙ୍କ ପାଇଁ ସମାନ ନୁହେଁ । କୌଣସି କୌଣସି ମହାମାନବଙ୍କ ମତରେ ଶ୍ରମିକ ଓ ମାଲିକ ହେଉଛନ୍ତି ବାପା ପୁଅ ଭଳି, ଭାଇ ଭାଇ ଭଳି । ମାତ୍ର ଏ ସଂପର୍କିତ ବାସ୍ତବତା ଲୋକଙ୍କୁ ବୁଝାଇବାକୁ ହେବ । କେହି କେହି କହନ୍ତି ପୁଲିସ ମିଲିଟାରୀ ଓ ନ୍ୟାୟାଳୟ ହେଉଛି ନିରପେକ୍ଷ । ମାତ୍ର ଶ୍ରମିକ ଯେତେବେଳେ ଧର୍ମଘଟ କରେ ସାଧାରଣ ଲୋକ ଯେତେବେଳେ ନିଜର ଭିଟାମାଟି, ପରିବେଶ, ଜଙ୍ଗଲ, ଖଣିଜ ସଂପଦକୁ ରକ୍ଷା କରିବାପାଇଁ କମ୍ପାନୀ ବିରୁଦ୍ଧରେ ଲଢେଇ କରନ୍ତି ସେତେବେଳେ ହିଁ ପୁଲିସ, ମିଲିଟାରୀ ଓ ନ୍ୟାୟାଳୟର ଅସଲ ଚେହେରା ବୁଝିହୁଏ । ତା'ହେଲେ ବାସ୍ତବ ପରିବର୍ତ୍ତନ କ'ଣ ? ବାସ୍ତବ ପରିବର୍ତ୍ତନ ହେଉଛି ସମାଜର ଆମୂଳଚୂଳ ପରିବର୍ତ୍ତନ, ଉତ୍ପାଦନ ବ୍ୟବସ୍ଥାର ପରିବର୍ତ୍ତନ । ମାତ୍ର ଏହାକୁ ରକ୍ଷା କରୁଛି ପୁଲିସ, ମିଲିଟାରୀ ଓ ନ୍ୟାୟାଳୟ । ତା'ହେଲେ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ କରିବାକୁ ହେଲେ କ'ଣ କରିବାକୁ ହେବ ? ଏହା କିଭଳି କରାଯିବ ? ଶକ୍ତି ପ୍ରୟୋଗ କରି ଏହା କରିବାକୁ ହେବ । ଏହା କି ଧରଣର ଶକ୍ତି ? ଏହା ହେଉଛି ଜନସାଧାରଣଙ୍କ ଶକ୍ତି । ଏହି ଶକ୍ତି ଅର୍ଜନ କରିବାକୁ ହେଲେ ନିପୀଡିତ, ଗରିବ କୃଷକ, ଶ୍ରମିକମାନଙ୍କୁ ଐକ୍ୟବଦ୍ଧ ହେବାକୁ ପଡିବ । ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ଲୋକମାନଙ୍କୁ ବୁଝାଇବାକୁ ହେବ ଯେ, ପ୍ରଚଳିତ ସମାଜ ବ୍ୟବସ୍ଥା ଅନ୍ୟାୟ ଉପରେ, ଶୋଷଣ ଉପରେ ପ୍ରତିଷ୍ଠିତ । ଏହାର ପରିବର୍ତ୍ତନ ଆବଶ୍ୟକ ଓ ସେଥିପାଇଁ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ମାନଙ୍କୁ ଦରିଦ୍ର ଜନସାଧାରଣଙ୍କ ସହିତ ହାତ ମିଳାଇବାକୁ ହେବ । ଛାତ୍ର ଯୁବକମାନଙ୍କୁ ମଧ୍ୟ ଏହି ପରିବର୍ତ୍ତନର ଲଢେଇରେ ସାମିଲ ହେବାକୁ ପଡିବ । ଶ୍ରମିକ, ଚାଷୀ ଦରିଦ୍ର ଲୋକଙ୍କୁ ସଂଗଠିତ କରିବାକୁ ହେବ, ସେମାନଙ୍କ ନିଦ ଭାଙ୍ଗିବାକୁ ପଡିବ । ସାଧାରଣ ଲୋକଙ୍କର ଜ୍ୱଳନ୍ତ ଦାବି ଉପରେ ମେହେନତୀ ଜନସାଧାରଣଙ୍କୁ ସଂଗଠିତ, ଐକ୍ୟବଦ୍ଧ କରିବାକୁ ହେବ । ଲୋକଙ୍କୁ ବୁଝାଇବାକୁ ହେବ ।

ତା'ହେଲେ ପ୍ରଶ୍ନ ଉଠୁଛି, ଆମେ ନିର୍ବାଚନରେ କାହିଁକି ଅଂଶ ଗ୍ରହଣ କରିବୁ ? ଯେହେତୁ ସାଧାରଣ ଲୋକଙ୍କ ମଧ୍ୟରେ ଭୋଟ ସଂପର୍କରେ ମୋହ ରହିଛି ସେଥିପାଇଁ ଆମକୁ ଲୋକଙ୍କ ସହିତ ରହିବାପାଇଁ ହିଁ ବିପ୍ଳବୀ ଦୃଷ୍ଟିଭଙ୍ଗୀ ଓ ଆଭିମୁଖ୍ୟରୁ ଭୋଟରେ ଅଂଶଗ୍ରହଣ କରିବାକୁ ହେବ । ମାତ୍ର ଲେନିନ୍‌ଙ୍କର ସେହି ଉକ୍ତି – "ଜନସାଧାରଣଙ୍କୁ କିଏ ଶୋଷଣ କରିବ କିଛି କିଛି ସମୟ ଅନ୍ତରରେ ସେକଥା ସ୍ଥିର କରିବାର ସୁଯୋଗ ଦେବାପାଇଁ ନିର୍ବାଚନ ଅନୁଷ୍ଠିତ ହୁଏ ।" ଅର୍ଥାତ୍ କାହା ନେତୃତ୍ୱରେ ଆମେ ଶୋଷିତ ହେବୁ ବିଜେପି, କଂଗ୍ରେସ ନା ବିଜେଡି – ଭୋଟ ମାଧ୍ୟମରେ ଆମେ ଏହାହିଁ ସ୍ଥିର କରୁ । କିନ୍ତୁ ଆମେ ଶୋଷିତ ହେବୁ କି ନା ତା' ଠିକ୍ କରୁନା । ଏହାକୁ ମନେରଖି ଆମେ ନିର୍ବାଚନରେ ଅଂଶଗ୍ରହଣ କରିବୁ । ନିର୍ବାଚନ ପ୍ରଚାର ସମୟରେ ହିଁ ଏହି ସତ୍ୟ ଲୋକଙ୍କୁ ବୁଝାଇବାକୁ ଉଦ୍ୟମ କରିବୁ ।

ସ୍ୱାଭାବିକ ଭାବରେ ଏଠାରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍‌ଥାପିତ ହେଉଛି, ଗୋଟିଏ ନୂଆ ସମାଜ ଗଠନ କରିବାକୁ ହେଲେ ନୂଆ ଆଦର୍ଶର ଆବଶ୍ୟକତା ରହିଛି । ପୁରୁଣା ବ୍ୟବସ୍ଥା ଯେତେବେଳେ ପଚିଯାଏ, ସେତେବେଳେ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)






## ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) . . .

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ତାକୁ ପରିବର୍ତ୍ତନ କରିବାପାଇଁ ନୂଆ ଆଦର୍ଶ, ନୂଆ ଚରିତ୍ର, ନୂଆ ମଣିଷ ଆବଶ୍ୟକ। ଏହି ଆଦର୍ଶ ହେଉଛି ମାର୍କ୍ସବାଦ। ମାର୍କ୍ସବାଦକୁ ଭିତ୍ତିକରି ଶୋଷିତ ଜନସାଧାରଣଙ୍କର ଆଗୁଆ ବାହିନୀ ଭାବରେ ଗୋଟିଏ ବିପ୍ଳବୀ ଦଳ ଗଠନ କରିବାକୁ ହେବ। ମାର୍କ୍ସବାଦ-ଲେନିନବାଦକୁ ଭିତ୍ତିକରି ମହାନ ନେତା କମ୍ରେଡ ଶିବଦାସ ଘୋଷ ଏହି ଧରଣର ଗୋଟିଏ ସଠିକ ବିପ୍ଳବୀ ଦଳ ଆମ ଦେଶରେ ପ୍ରତିଷ୍ଠା କରିଛନ୍ତି। ଏହି ଦଳ ଗଠନ ପ୍ରକ୍ରିୟାରେ ନୂଆ ମଣିଷ ଗଢିତୋଳିଛନ୍ତି। ମାର୍କ୍ସବାଦୀ ଆଦର୍ଶକୁ ଆହୁରି ଉନ୍ନତ, ସମୃଦ୍ଧ ଓ ବୁଦ୍ଧିମନ୍ତ କରିଛନ୍ତି।

ବର୍ତ୍ତମାନ ଆମ ସମ୍ମୁଖରେ ମୂଳ ଆହ୍ୱାନ ହେଉଛି ଏହି ପାର୍ଟିକୁ ଶକ୍ତିଶାଳୀ କରିବା ଏବଂ ଦେଶରେ ବିପ୍ଳବୀ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା। ତେବେ ଏହା ହେବ କିଭଳି ? ସାଧାରଣ ଲୋକଙ୍କ ଜ୍ୱଳନ୍ତ ସମସ୍ୟା, ପେଟପାଟଣାର ସମସ୍ୟା ଉପରେ ଆମକୁ ଆନ୍ଦୋଳନ ଗଢିତୋଳିବାକୁ ହେବ। ସେଥିପାଇଁ ଦେଶର ମେହେନତୀ ଜନସାଧାରଣଙ୍କୁ ସଂଗଠିତ କରିବାକୁ ହେବ। ନୀତି ନୈତିକତାର ସଂକଟ, ମାନବିକତାର ସଂକଟ ଓ ପରିବାର ଗୁଡିକ ମଧ୍ୟରେ ଦେଖା ଦେଉଥିବା ସଂକଟର କାରଣ ଲୋକଙ୍କୁ ବୁଝାଇବାକୁ ପଡିବ। ପ୍ରଚଳିତ ଶୋଷଣମୂଳକ ବ୍ୟବସ୍ଥାକୁ ବଂଚାଇ ରଖିବାପାଇଁ ଯେ ଶାସକ ପୁଞ୍ଜିପତି ଶ୍ରେଣୀର ସରକାର ମାନେ ଯୋଜନାବଦ୍ଧ ଭାବରେ ସାଧାରଣ ମଣିଷର ନୀତି ନୈତିକତାକୁ ଧ୍ୱଂସ କରୁଛନ୍ତି, ସେକଥା ଲୋକଙ୍କୁ ବୁଝାଇବାକୁ ହେବ। ଦୀର୍ଘ ସାତ ଦଶଂନ୍ଧିର ସ୍ୱାଧୀନତା ଦେଶର ସାଧାରଣ ମଣିଷକୁ ଯେ କିଛି ହେଲେ ଦେଇନାହିଁ ସେକଥା ଲୋକଙ୍କୁ ବୁଝାଇବାକୁ ପଡିବ। ବେକାରୀ ସମସ୍ୟାରେ ହାହାକାର କରୁଥିବା ଯୁବକଙ୍କୁ ବୁଝାଇବାକୁ ପଡିବ ତା ହାତକୁ କାମ କାହିଁକି ନାହିଁ। ଛାତ୍ରମାନଙ୍କୁ ଶିକ୍ଷାର ସୁଯୋଗରୁ ବଂଚିତ କରିବାପାଇଁ ସରକାରମାନେ ଉଦ୍ୟମ କରୁଛନ୍ତି ଏବଂ ଏହା ସହିତ ଧର୍ମୀୟ ମୂଲ୍ୟବୋଧ, ଜାତୀୟ ଐତିହ୍ୟ, ପରମ୍ପରା ଆଳରେ ସଂପୂର୍ଣ୍ଣ ଅବୈଜ୍ଞାନିକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରାଯାଉଛି ବୋଲି ଛାତ୍ରମାନଙ୍କୁ ସଚେତନ କରିବାକୁ ହେବ। ନିଯୁକ୍ତି ଭିତ୍ତିକ ଶିକ୍ଷା ଦେବା ଆଳରେ ମଣିଷ ତିଆରି ଓ ଚରିତ୍ର ଗଠନ କ୍ଷେତ୍ରରେ ଶିକ୍ଷାର ଭୂମିକାକୁ ଗୁରୁତ୍ୱହୀନ କରିଦିଆଯାଉଛି। ଏହା ବିରୁଦ୍ଧରେ ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ବିଜ୍ଞାନ ସମ୍ମତ ଓ ସାର୍ବଜନୀନ ଶିକ୍ଷା ପ୍ରଚଳନ ପାଇଁ ଛାତ୍ର ଆନ୍ଦୋଳନ ଗଢିତୋଳିବାକୁ ହେବ।

ଧର୍ମୀୟ ମୂଲ୍ୟବୋଧ ବିବର୍ଜିତ ଧର୍ମୀୟ ଆବେଗକୁ ବ୍ୟବହାର କରି ବିଜେପି- ଆର୍‌ଏସ୍‌ଏସ୍ ସମାଜରେ ଯେଉଁ ଭାତୃଘାତୀ ସଂଘର୍ଷ ସୃଷ୍ଟିକରି ନିର୍ବାଚନ ବୈତରଣୀ ପାର ହେବାପାଇଁ ଉଦ୍ୟମ କରୁଛି ତାର ମୁଖା ଖୋଲିଦେବାକୁ ହେବ। ମୁସଲମାନ ଓ ପାକିସ୍ତାନ ବିରୋଧୀ ପ୍ରଚାର ଆଳୁଆଳରେ ଦେଶ ମଧ୍ୟରେ ଅତ୍ୟନ୍ତ ହିଂସ୍ର ଓ ବିଷାକ୍ତ ପରିବେଶ ସୃଷ୍ଟି କରାଯାଉଛି। ଏହି ପରିପ୍ରେକ୍ଷୀରେ ଦେଶର ସ୍ୱାଧୀନତା ଆନ୍ଦୋଳନ ସମୟରେ ବିଜେପିର ମୂଳ ସଂଗଠନ ଆରଏସ୍‌ଏସ୍‌ର ବ୍ରିଟିଶ ତୋଷଣକାରୀ ଭୂମିକାକୁ ଲୋକ ଲୋଚନକୁ ଆଣିବାକୁ ହେବ।

ବାସ୍ତବରେ ବର୍ତ୍ତମାନର ଆର୍ଥିକ ସଂକଟ ବିରୁଦ୍ଧରେ ସର୍ବାତ୍ମକ ଲଢେଇର ଆବଶ୍ୟକତା ରହିଛି। ତେବେ ଏ ଲଢେଇ ଲଢିବ କିଏ ? ଭୋଟ ସର୍ବସ୍ୱ ଦଳ ମାନଙ୍କର ଲଢେଇ ହେଉଛି ସରକାର ପରିବର୍ତ୍ତନର ଲଢେଇ। ସେହିମାନେ ହିଁ ପ୍ରକୃତ ଲଢେଇ କରିବେ ଯେଉଁମାନେ ସମାଜର ଆମୂଳ ପରିବର୍ତ୍ତନ କରିବାକୁ ଉଦ୍ୟମ କରୁଛନ୍ତି। ସେମାନେ କିଏ ? ସେମାନେ ହେଉଛନ୍ତି କମ୍ୟୁନିଷ୍ଟ। ମାତ୍ର ମୁହଁରେ କମ୍ୟୁନିଜିମ୍‌ର କଥା କହି ବାସ୍ତବରେ ଶାସକ ପୁଞ୍ଜିପତି ଶ୍ରେଣୀର ସେବା କରୁଥିବା ତଥା କଥିତ କମ୍ୟୁନିଷ୍ଟ ଦଳମାନେ ଏହି କାମ କରିପାରିବେ ନାହିଁ। ସେଥିପାଇଁ ଏହି ଲଢେଇ ଏକ ମାତ୍ର ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳ ପକ୍ଷରେ ହିଁ ସମ୍ଭବ। ଏହି ଲଢେଇକୁ ତ୍ୱରାନ୍ୱିତ କରିବାକୁ ହେବ ଏବଂ ମହାନ ନେତା କମ୍ରେଡ ଶିବଦାସ ଘୋଷଙ୍କ ଶିକ୍ଷା ଅନୁଯାୟୀ ନୂଆ ଆଦର୍ଶ ଓ ସଂସ୍କୃତିର ଭିତ୍ତିରେ ନିଜକୁ ତିଆରି କରିବାକୁ ହେବ।

ଆମକୁ ବୁଝିବାକୁ ହେବ ଯେ, ପ୍ରତ୍ୟେକ ଯୁଗରେ ଏକ ଯୁଗ ଆଦର୍ଶ ଅଛି। ପୃଥିବୀରେ ଏକଦା ନବଜାଗରଣ ଆନ୍ଦୋଳନ ସେହି ଯୁଗର ଆଦର୍ଶ ହିସାବରେ ଆସିଥିଲା। ମାତ୍ର ଆଜି ପୁଞ୍ଜିବାଦୀ ଶୋଷଣରୁ ମୁକ୍ତି ହେଉଛି ଯୁଗ ସତ୍ୟ। ମାର୍କ୍ସବାଦ ଲେନିନବାଦ-ଶିବଦାସ ଘୋଷଙ୍କ ଚିନ୍ତା ହେଉଛି ଯୁଗ ଆଦର୍ଶ। ଏହି ଯୁଗ ସତ୍ୟର ଆହ୍ୱାନରେ ହଜାର ହଜାର ଛାତ୍ର, ଯୁବକ, ସାଧାରଣ ଶୋଷିତ ବଂଚିତ ମଣିଷଙ୍କୁ ଲଢେଇର ମଇଦାନକୁ ଟାଣି ଆଣିବାକୁ ହେବ।

ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାପାଇଁ ଜନସାଧାରଣଙ୍କର ଗୁରୁତ୍ୱପୂର୍ଣ୍ଣ ଦାବି ଉପରେ କୋଟି କୋଟି ଦସ୍ତଖତ ସଂଗ୍ରହ କରିବାପାଇଁ ପାର୍ଟି କେନ୍ଦ୍ରୀୟ କମିଟି ପକ୍ଷରୁ ଆହ୍ୱାନ ଦିଆଯାଇଛି। ଦିଲ୍ଲୀର ଐତିହାସିକ ଚାଷୀ ଆନ୍ଦୋଳନ ଓ କଲିକତାର ଆରଜି କର ହାସପାତାଳରେ ଡାକ୍ତରୀ ଛାତ୍ରୀଙ୍କ ଧର୍ଷଣ ଓ ହତ୍ୟା ପ୍ରତିବାଦରେ ଗଢିଉଠିଥିବା ଗଣଆନ୍ଦୋଳନ ଜନସାଧାରଣଙ୍କ ଆଖି ଖୋଲି ଦେଇଛି। ଜନସାଧାରଣଙ୍କ ଜ୍ୱଳନ୍ତ ଦାବି ଉପରେ ଗଣଆନ୍ଦୋଳନରେ ନିଜକୁ ମନପ୍ରାଣରେ ସାମିଲ କରନ୍ତୁ। ଉଚ୍ଚ ନୀତି-ନୈତିକତା ଓ ସଂସ୍କୃତି ଭିତ୍ତିରେ ଲଢେଇ କରନ୍ତୁ। ଲଢେଇ ମଧ୍ୟରେ ନିଜେ ନୂଆ ମଣିଷରେ ରୂପାନ୍ତରିତ ହୁଅନ୍ତୁ, ନୂଆ ମଣିଷ ତିଆରି କରନ୍ତୁ। ମଣିଷ ମଧ୍ୟରେ ମଣିଷ ପଣିଆକୁ ଧ୍ୱଂସ କରିଦେବାକୁ ଯେଉଁ ଷଡଯନ୍ତ୍ର ଚାଲିଛି ତାକୁ ପରାହତ କରନ୍ତୁ। ଘୁଣଖିଆ ପୁଞ୍ଜିବାଦୀ ସମାଜକୁ ଭାଙ୍ଗି ନୂଆ ସମାଜ ଗଢିବାର ସଂଗ୍ରାମ ଚଳାଇ ଯାଆନ୍ତୁ। ମହାନ ନେତା କମ୍ରେଡ ଶିବଦାସ ଘୋଷଙ୍କ ପ୍ରକୃତ ଛାତ୍ର ହିସାବରେ ଗଢି ଉଠନ୍ତୁ। ଏହା ହିଁ ସମୟର ଆହ୍ୱାନ। କମ୍ରେଡ ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ଓ ଆନ୍ତର୍ଜାତିକ ସଂଗୀତ ପରିବେଷଣ ପରେ ସଭା ଶେଷ ହୋଇଥିଲା।

★★★

## ଭାରତରେ ଅବୈଧ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ସୁପ୍ରିମକୋର୍ଟରେ ଏହି ମାମଲା ତଦାରଖ କରୁଥିବା ଏବଂ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏନ୍‌ଆରସି ଶେଷ କରିବାପାଇଁ ନିର୍ଦ୍ଦେଶ ଦେଇଥିବା ପୂର୍ବତନ ମୁଖ୍ୟ ବିଚାରପତି ରଂଜନ ଗୋଗେଇ ବର୍ତ୍ତମାନ କେନ୍ଦ୍ର ବିଜେପି ସରକାର ଦ୍ୱାରା ମନୋନୀତ ହୋଇ ରାଜ୍ୟସଭାର ସଦସ୍ୟ। ତେବେ ବେଆଇନ ଅନୁପ୍ରବେଶକୁ କେନ୍ଦ୍ରକରି ଆସାମରେ ସୃଷ୍ଟି କରାଯାଇଥିବା ସାଂପ୍ରଦାୟିକ ବିଦ୍ୱେଷ ଓ ଭାତୃଘାତୀ ସଂଘର୍ଷ ଫଳରେ ବିଜେପି ସେହି ରାଜ୍ୟରେ ରାଜନୈତିକ ଫାଇଦା ହାସଲ କରିଛି। କେନ୍ଦ୍ରରେ ଲଗାତର ୧୦ବର୍ଷ ଏକକ ଭାବରେ ସରକାର ପରିଚାଳନା କରିବା ପରେ ତୃତୀୟ ଥର ପାଇଁ ମିଳିତ ସରକାର ଗଠନ କରିଥିବା ବିଜେପି ଦଳ ଏହାର କୌଣସି ଗୋଟିଏ ହେଲେ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିନଥିବା ସ୍ଥଳେ ବର୍ତ୍ତମାନ ଝାଡଖଣ୍ଡରେ ସେହି ପୁରୁଣା ଖେଳ ଆରମ୍ଭ କରିଛି। ଝାଡଖଣ୍ଡ ଜନସାଧାରଣଙ୍କର ସମସ୍ତ ଦୁର୍ଦ୍ଦଶା ପାଇଁ ବିଜେପି ପକ୍ଷରୁ ବେଆଇନ ଅନୁପ୍ରବେଶକୁ ଦାୟୀ କରାଯାଉଛି।

ବେଆଇନ୍ ଅନୁପ୍ରବେଶ ଅଭିଯୋଗକୁ କେନ୍ଦ୍ରକରି ଦେଶରେ ଏହି ଧରଣର ପରିସ୍ଥିତି ବିଜେପି ପକ୍ଷରୁ ସୃଷ୍ଟି କରିବାକୁ ଉଦ୍ୟମ କରାଯାଉଥିଲାବେଳେ ଏହାର ଠିକ୍ ବିପରୀତ ଚିତ୍ର ଅନ୍ୟତ୍ର ଦେଖିବାକୁ ମିଳୁଛି। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ଆମେରିକାରେ ବେଆଇନ ଭାବରେ ପ୍ରବେଶ କରିବାପାଇଁ ବେକାରୀ ସମସ୍ୟାରେ ଜର୍ଜରିତ ଭାରତୀୟ ଯୁବକମାନେ ଅତ୍ୟନ୍ତ ବିପଦଜନକ ରାସ୍ତା ଗ୍ରହଣ କରୁଛନ୍ତି। ଅତ୍ୟନ୍ତ ବିପଦଜନକ ରାସ୍ତାରେ ବେଆଇନ ଭାବରେ ଆମେରିକାରେ ପ୍ରବେଶ କରିବାକୁ ଉଦ୍ୟମ କଲାବେଳେ ବହୁ ଲୋକଙ୍କର ମୃତ୍ୟୁ ହେଉଛି। ଆମେରିକା ସରକାରଙ୍କ ପକ୍ଷରୁ ଜାରୀ କରାଯାଇଥିବା ପରିସଂଖ୍ୟାନ ଅନୁଯାୟୀ ଗତ ଏକବର୍ଷ ମଧ୍ୟରେ କାନାଡା ଓ ମେକ୍ସିକୋ ସୀମା ଦେଇ ଆମେରିକାରେ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ୯୦,୪୧୫ ଭାରତୀୟ ଧରାପଡିଛନ୍ତି। ଏମାନଙ୍କ ମଧ୍ୟରୁ ଶତକଡା ୫୦ଭାଗରୁ ଅଧିକ ହେଉଛନ୍ତି ମୋଦିଙ୍କ ଗୃହରାଜ୍ୟ ଗୁଜୁରାଟର ଲୋକ। ଆହୁରି ମଧ୍ୟ ମାର୍କିନ ଅଧିକାରୀମାନେ ଜଣାଇଛନ୍ତି ଯେ ପ୍ରତିଘଣ୍ଟାରେ ୧୦ଜଣ ଭାରତୀୟ ବେଆଇନ ଭାବରେ ଆମେରିକାରେ ପ୍ରବେଶ ଉଦ୍ୟମ କରୁଥିବାବେଳେ ଧରାପଡୁଛନ୍ତି। ଏହାବ୍ୟତୀତ ଉତ୍ତର କାନାଡା-ଆମେରିକା ସୀମାରେ ୪୩,୭୬୪ ଜଣ ଭାରତୀୟଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ କାମର ସନ୍ଧାନରେ ମେକ୍ସିକୋ, କାନାଡା ଓ ମଧ୍ୟ ଆମେରିକାର ଅନ୍ୟାନ୍ୟ ଦେଶବାଟେ ଆମେରିକାରେ ବେଆଇନ ଭାବରେ ପ୍ରବେଶ କରୁଥିବା ଭାରତୀୟ ଯୁବକ ମାନଙ୍କୁ ବେଆଇନ ଭାବରେ ଆମେରିକାରେ ପ୍ରବେଶ କରାଇବାପାଇଁ ଦେଶରେ ଶାସକ ଦଳର ମଦଦପୁଷ୍ଟ ଶହ ଶହ ଜାଲ ସଂସ୍ଥା ସୃଷ୍ଟି ହୋଇଛି। ଏହି ସଂସ୍ଥାମାନେ ଆଶାୟୀମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଛନ୍ତି। ଜମିବାଡି ବିକ୍ରିକରି ଆଶାୟୀମାନେ ଏହି ଟଙ୍କା ଦେଉଛନ୍ତି। କେବଳ ଆମେରିକା ନୁହେଁ, ଯୁଦ୍ଧ ଗ୍ରସ୍ତ ଋଷିଆ, ଇସ୍ରାଏଲ ପ୍ରଭୃତି ଦେଶରେ ନିଜ ଜୀବନକୁ ବିପନ୍ନ କରି କାମକରିବାକୁ ଯିବାପାଇଁ ମଧ୍ୟ କର୍ମହୀନ ଯୁବକମାନେ ଏହି ଜାଲ ସଂସ୍ଥା ମାନଙ୍କ ଦ୍ୱାରା ଶୋଷଣର ଶୀକାର ହେଉଛନ୍ତି। ଏହି ଧରଣର ମାନବ ଚାଲାଣ ସରକାରଙ୍କର ନାକତଳେ ବିନା ବାଧାରେ ଚାଲିଛି। ଖବର କାଗଜରେ ପ୍ରକାଶିତ ଏକ ସଂବାଦ ଅନୁଯାୟୀ ସଂପ୍ରତି ଭାରତର ପ୍ରଧାନମନ୍ତ୍ରୀଙ୍କ ଋଷ ଗସ୍ତ ସମୟରେ ଋଷ ସେନାରେ କାମ କରୁଥିବା ୫୦ଜଣ ଭାରତୀୟ ଯୁବକ ମୁକ୍ତି ପାଇଛନ୍ତି। ଏହାର ଅର୍ଥକଣ ? ଋଷିଆରେ କାମ କରିବା ଆଶାରେ ବିଭିନ୍ନ ଜାଲ କମ୍ପାନୀମାନଙ୍କ ଜରିଆରେ ସେଠାକୁ ଯାଉଥିବା ଯୁବକମାନଙ୍କୁ ଜବରଦସ୍ତ ଋଷ ସେନାରେ ଭର୍ତ୍ତିକରି ଯୁଦ୍ଧ କରିବାକୁ ବାଧ୍ୟ କରାଯାଉଥିବା ସଂପର୍କିତ ଖବର ବହୁଦିନରୁ ଗଣମାଧ୍ୟମରେ ପ୍ରକାଶିତ ହେଉଛି। ସଂପ୍ରତି ସଂବାଦପତ୍ର ମାନଙ୍କରେ ପ୍ରକାଶିତ ଏହି ଖବର ଉପରୋକ୍ତ ଆଶଂକାକୁ ସତ୍ୟ ପ୍ରମାଣିତ କରୁଛି।

ସୁତରାଂ ବିଜେପି-ଆରଏସ୍‌ଏସ୍ ଦ୍ୱାରା ଦେଶରେ ଅନୁପ୍ରବେଶକୁ ନିର୍ବାଚନୀ ପ୍ରସଙ୍ଗରେ ପରିଣତ କରି ଭୋଟ ଜିତିବାକୁ ଉଦ୍ୟମ କରାଯାଉଥିଲାବେଳେ କାମର ସନ୍ଧାନରେ ଭାରତରୁ ଲକ୍ଷ ଲକ୍ଷ ଯୁବକ ଆମେରିକା ସମେତ ବିଭିନ୍ନ ଦେଶରେ ବେଆଇନ ଅନୁପ୍ରବେଶ କରୁଛନ୍ତି। ସେଥିରୁ ଅଧିକାଂଶ ପୁଣି ହେଉଛନ୍ତି ଦେଶର ସବୁଠାରୁ ବିକଶିତ ରାଜ୍ୟ ଭାବରେ ବହୁ ପ୍ରଚାରିତ ଗୁଜୁରାଟର ଯୁବକ। ପାଠକମାନେ ନିଶ୍ଚିତ ଭାବରେ ଗୁଜୁରାଟ ମଡେଲ ସଂପର୍କିତ ପ୍ରଚାରକୁ ଭୁଲି ଯାଇନଥିବେ। ଦେଶରେ ବାଙ୍ଗଲାଦେଶୀ ଅନୁପ୍ରବେଶର ପ୍ରଚାର ଚାଲିଥିଲାବେଳେ ଖବର କାଗଜରେ ପ୍ରକାଶ ପାଉଛି ଯେ ଭାରତରୁ ଲକ୍ଷ ଲକ୍ଷ ଯୁବକ ଯୁବତୀ କର୍ମର ସନ୍ଧାନରେ ବେଆଇନ ଭାବରେ ବାଙ୍ଗଲାଦେଶରେ ପ୍ରବେଶ କରିଛନ୍ତି। ସୁତରାଂ, ଉତ୍କଟ ବେକାରୀ ଜ୍ୱାଳାରେ ଜର୍ଜରିତ ଦେଶର ଯୁବକ କାମର ସନ୍ଧାନରେ ନିଜ ଜୀବନକୁ ବିପନ୍ନ କରି ସମଗ୍ର ପୃଥିବୀରେ ଘୁରି ବୁଲୁଛନ୍ତି। ଏସବୁ ଘଟୁଛି ମୋଦିଙ୍କର ବହୁପ୍ରଚାରିତ ଅମୃତ କାଳରେ। ଅନ୍ୟପଟରେ ବର୍ଷକୁ ଦୁଇକୋଟି ଲେଖାଏଁ ଚାକିରି ସୃଷ୍ଟି କରିବା, ପ୍ରତ୍ୟେକ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାରେ ୧୫ଲକ୍ଷ ଲେଖାଏଁ ଟଙ୍କା ଜମା କରିବା, ଚାଷୀକୁ ଫସଲର ଉପଯୁକ୍ତ ମୂଲ୍ୟ ଦେବା, ସମେତ ବହୁ ମନଲୋଭା ପ୍ରତିଶ୍ରୁତି ଦେଇ ୨୦୧୪ ମସିହାରେ କ୍ଷମତାସୀନ ହୋଇଥିବା ବିଜେପି ସରକାର ଏ ସମସ୍ତ କ୍ଷେତ୍ରରେ ସଂପୂର୍ଣ୍ଣ ବିଫଳ ହୋଇଥିଲାବେଳେ ସାଧାରଣ ଲୋକଙ୍କ ମୂଳ ସମସ୍ୟାରୁ ଦୃଷ୍ଟି ଅନ୍ୟତ୍ର ଅପସାରିତ କରିବାପାଇଁ ବେଆଇନ ଅନୁପ୍ରବେଶର ଧୂଆଁବାଣ ମାରୁଛି। ଏହା ପଛରେ ଆଉ ଏକ ଷଡଯନ୍ତ୍ର ରହିଛି। ଚଳିତ ବର୍ଷ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ କେନ୍ଦ୍ର ସରକାର ବଜେଟ୍‌ରେ ଖର୍ଚ୍ଚକାଟ କରିଛନ୍ତି। ସେଥିପାଇଁ ଜାଲ ରେସନ କାର୍ଡ ବାତିଲ କରିବା ଆଳରେ ସାଧାରଣ ଲୋକଙ୍କ ରେସନ କାର୍ଡ ରଦ୍ଦ କରାଯାଉଛି। ଏ ବାବଦରେ ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରିବାପାଇଁ ଓଡିଶା ସମେତ୍ ବିଭିନ୍ନ ରାଜ୍ୟରେ ବାଙ୍ଗଲାଦେଶୀ ଓ ରୋହିଙ୍ଗିଆ ଅନୁପ୍ରବେଶକାରୀଙ୍କ ରେସନ କାର୍ଡ କାଟିବା କଥା ପ୍ରଚାର କରାଯାଇଛି। ସୂଚନାଯୋଗ୍ୟ, ମରଣମୁଖୀ ପୁଞ୍ଜିବାଦୀ ବ୍ୟବସ୍ଥାର ତୀବ୍ର ସଂକଟ ଆଜି ଭାରତ-ଆମେରିକା ନିର୍ବିଶେଷରେ ସମଗ୍ର ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀ ଦୁନିଆକୁ ଗ୍ରାସ କରିଛି। ଆମ ଦେଶଭଳି ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ମଧ୍ୟ ବେଆଇନ ଅନୁପ୍ରବେଶ, ବିଶେଷକରି ବେଆଇନ ଭାରତୀୟ ଅନୁପ୍ରବେଶକାରୀ ପ୍ରସଙ୍ଗ ମୁଖ୍ୟ ରାଜନୈତିକ ପ୍ରସଙ୍ଗରେ ପରିଣତ ହୋଇଛି। ଡେମୋକ୍ରାଟିକ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ କମଳା ହ୍ୟାରିସ ବିଜୟୀ ହେଲେ, ବେଆଇନ ଅନୁପ୍ରବେଶକାରୀ ମାନଙ୍କୁ ଦେଶରୁ ବିତାଡିତ କରାଯିବ ବୋଲି ଘୋଷଣା କରିଥିଲାବେଳେ ତାଙ୍କର ରିପବ୍ଲିକାନ ପ୍ରତିଦ୍ୱନ୍ଦ୍ୱୀ ଡୋନାଲ୍ଡ ଟ୍ରମ୍ପଙ୍କର ବକ୍ତବ୍ୟ ଆମ ଦେଶର ବିଜେପି ନେତାମାନଙ୍କର ବକ୍ତବ୍ୟର କପି ଭଳି ମନେ ହେଉଛି। ଟ୍ରମ୍ପ କହିଛନ୍ତି- ବେଆଇନ ଅନୁପ୍ରବେଶକାରୀମାନେ ବସ୍ତୁତଃ ଆମେରିକାକୁ ଆକ୍ରମଣକରି ଦେଶକୁ ଦଖଲକରି ନେଇଛନ୍ତି, ଆଜି ଆମେରିକା ହେଉଛି ଏକ ଦଖଲିକୃତ ଦେଶ। ତାଙ୍କ ସରକାର କ୍ଷମତାସୀନ ହେବା ପରଦିନହିଁ ଆମେରିକାର ଇତିହାସରେ ସବୁଠାରୁ ବଡ ଅନୁପ୍ରବେଶକାରୀ ବିତାଡନ ଅଭିଯାନ ଆରମ୍ଭ ହେବ। ସୂଚନାଯୋଗ୍ୟ ଇତିମଧ୍ୟରେ ୧୬,୦୦୦ ଭାରତୀୟଙ୍କୁ ବଳପୂର୍ବକ ଆମେରିକାରୁ ବାହାରକରି ଦିଆଯାଇଛି। ତେବେ ଆମେ ଏଠାରେ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ, ପୁଞ୍ଜିବାଦୀ ବ୍ୟବସ୍ଥାର ସଂକଟ ଯୋଗୁ ହିଁ ଆମେରିକା ସରକାର ମଧ୍ୟ ସେହି ଦେଶର ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ କରିପାରୁନାହିଁ। ହତାଶାଗ୍ରସ୍ତ ଜନସାଧାରଣ, ବିଶେଷ କରି ଯୁବବର୍ଗର ଦୃଷ୍ଟି ବାସ୍ତବ ସମସ୍ୟାରୁ ଅନ୍ୟତ୍ର ଅପସାରିତ କରିବାପାଇଁ ବେଆଇନ ଅନୁପ୍ରବେଶକୁ ଦେଶର ସବୁଠାରୁ ବଡ ସମସ୍ୟା ଭାବରେ ଉତ୍ଥାପିତ କରାଯାଉଛି। ଭାରତରେ ମଧ୍ୟ ସମାନ କାରଣରୁ ହିଁ ଅନୁପ୍ରବେଶର ଭୂତ ଠିଆ କରାଯାଇଛି। ଦେଶର ଜନସାଧାରଣ ଏହି ସତ୍ୟ ହୃଦୟଙ୍ଗମ କରିବା ଆବଶ୍ୟକ ଏବଂ ଏଭଳି ପ୍ରଚାର କରୁଥିବା ଦଳ ମାନଙ୍କର ଷଡଯନ୍ତ୍ରକୁ ବୁଝିବା ଆବଶ୍ୟକ।

★★★

# ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଯାଜପୁର ଜିଲ୍ଲା ସ୍ତରୀୟ କର୍ମୀ ସଭା

ଯାଜପୁର ଟାଉନ ସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଅକ୍ଟୋବର ୧୯ତାରିଖ ଦିନ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଜିଲ୍ଲା ସମ୍ପାଦକ କମ୍ରେଡ ସୁରେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଏକ କର୍ମୀ ସଭା ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରୁ ବହୁ ସଂଖ୍ୟାରେ ଚାଷୀ, ମୂଲିଆ, ମହିଳା, ଶ୍ରମିକ, ଛାତ୍ର ଓ ଯୁବକ ଏହି ସଭାରେ ଯୋଗ ଦେଇଥିଲେ। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ ସମ୍ପାଦକ ତଥା କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ ଶଙ୍କର ଦାଶଗୁପ୍ତ ମୁଖ୍ୟ ଆଲୋଚକ ଭାବେ ଏହି ସଭାରେ ଯୋଗ ଦେଇ କହିଲେ ଯେ ବ ର୍ମାନ ଆମ ରାଜ୍ୟ ତଥା ଦେଶରେ ବିଜେପି ସରକାର ଦେଶୀ ବିଦେଶୀ ପୁଞ୍ଜିପତି ମାନଙ୍କ ସ୍ୱାର୍ଥରେ ନୀତି ମାନ ପ୍ରଣୟନ କରିବା ଦ୍ୱାରା ସର୍ବସ୍ତରର ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହଉଛନ୍ତି। ସରକାରଙ୍କ ଜନବିରୋଧୀ ନୀତି ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟବୃଦ୍ଧି ବିରୁଦ୍ଧରେ ଗଣ ଆନ୍ଦୋଳନ ଗଢି ତୋଳିବା ସହିତ ଦଳର ନେତା, କର୍ମୀ ଓ ସମର୍ଥକ ମାନଙ୍କୁ ନିଜର ଦୋଷ ଦୁର୍ବଳତା ରୁ ମୁକ୍ତ ହୋଇ ସଂଗଠନକୁ ଶକ୍ତିଶାଳୀ କରି ଗଢି ତୋଳିବାକୁ କମ୍ରେଡ୍ ଦାସଗୁପ୍ତ ଆହ୍ୱାନ ଦେଇଥିଲେ। ଆଗାମୀ ଡ଼ିସେମ୍ବର୧୫ ରୁ ୧୭ ଏଆଇୟୁଟିୟୁସିର ୨୨ତମ ସର୍ବଭାରତୀୟ ସମ୍ମିଳନୀ ଉପଲକ୍ଷେ ଭୁବନେଶ୍ୱରଠାରେ ୧୫ ଡିସେମ୍ବରରେ ହେବାକୁ ଥିବା ବିଶାଳ ଜନସଭାକୁ ସଫଳ କରିବାକୁ ସମବେତ କର୍ମୀମାନଙ୍କୁ ସେ ଆବେଦନ ଜଣାଇଥିଲେ।






# ଏଆଇୟୁଟିୟୁସିର ଉଦ୍ୟୋଗରେ ତୃତୀୟ ଭୁବନେଶ୍ୱର ଶ୍ରମିକ ସମ୍ମିଳନୀ

ଅଲ୍ ଇଣ୍ଡିଆ ୟୁନାଇଟେଡ ଟ୍ରେଡ ୟୁନିୟନ ସେ ର (ଏଆଇୟୁଟିୟୁସି) ଉଦ୍ୟୋଗରେ ତୃତୀୟ ଭୁବନେଶ୍ୱର ଜିଲ୍ଲା ଶ୍ରମିକ ସମ୍ମିଳନୀ ୨୭ ଅକ୍ଟୋବର ୨୦୨୪ରେ ଭୁବନେଶ୍ୱରସ୍ଥ ବୁଲନ୍ ଭାଇ ସେବା ଭବନଠାରେ ଅନୁଷ୍ଠିତ ହୋଇ ଯାଇଛି। କମ୍ରେଡ ପୂର୍ଣ୍ଣଚନ୍ଦ୍ର ବେହେରା, ପଦ୍ମଚରଣ ମଲ୍ଲିକ ଓ ବୁଗୁରୁ ତ୍ରିନାଥଙ୍କୁ ନେଇ ଗଠିତ ସଭାପତିମଣ୍ଡଳୀର ପରିଚାଳନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ସୁରେଶ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସଂଗଠନର ଭୁବନେଶ୍ୱର ଜିଲ୍ଲା ସମ୍ପାଦକ କମ୍ରେଡ ନିରଞ୍ଜନ ମହାନ୍ତି ସମ୍ମିଳନୀର ମୁଖ୍ୟ ଚିଠା ପ୍ରସ୍ତାବ ଆଗତ କରିଥିଲେ। ସଂଗଠନର ସୁପରିଚାଳନା ପାଇଁ କମ୍ରେଡ ପୂର୍ଣ୍ଣଚନ୍ଦ୍ର ବେହେରା ସଭାପତି, ପଦ୍ମଚରଣ ମଲ୍ଲିକ ଓ ବୁଗରୁ ତ୍ରିନାଥ ଉପସଭାପତି, ନିରଞ୍ଜନ ମହାନ୍ତି ସମ୍ପାଦକ, ବିଜ୍ଞାନ କୁମାର ବେହେରା କୋଷାଧ୍ୟକ୍ଷଙ୍କ ସମେତ ଏକ ୨୭ ଜଣିଆ ଭୁବନେଶ୍ୱର ଜିଲ୍ଲା କମିଟି ନିର୍ବାଚିତ ହୋଇଥିଲା। ସମ୍ମିଳନୀର ପ୍ରାରମ୍ଭରେ ଶହୀଦ ବେଦୀରେ ମାଲ୍ୟାର୍ପଣ ଏବଂ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା।




# ଜ୍ୱଳନ୍ତ ଶିକ୍ଷା ସମସ୍ୟାର ସମାଧାନ ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ରାଜ୍ୟବ୍ୟାପି ପ୍ରତିବାଦ




ବନ୍ଦ ହୋଇଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡିକୁ ତୁରନ୍ତ ଖୋଲିବା, ସ୍ଥାୟୀ ଭି ିରେ ଆବଶ୍ୟକ ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀ ପଦବୀଗୁଡିକୁ ପୂରଣ କରିବା, ଶିକ୍ଷା କ୍ଷେତ୍ରରେ ଫିସ୍ ବୃଦ୍ଧି ବନ୍ଦ କରିବା, ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଆରମ୍ଭ କରିବା, ୪ ବର୍ଷିଆ ଡିଗ୍ରୀ କୋର୍ସ ପ୍ରଚଳନ ବନ୍ଦ କରିବା, ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦୨୦କୁ ସଂପୂର୍ଣ୍ଣ ବାତିଲ କରିବା, ବାତ୍ୟା ପ୍ରଭାବିତ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ସମସ୍ତ ଫିସ୍ ଛାଡ କରିବା, ଛାତ୍ରଛାତ୍ରୀଙ୍କୁ ଫ୍ରି ବସ୍ ପାସ୍ ଯୋଗାଇ ଦେବା, କ୍ୟାମ୍ପସ ଓ ବାହାରେ ଛାତ୍ରୀ ତଥା ମହିଳାମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପ୍ରଭୃତି ଦାବିରେ ଏଆଇଡିଏସଓ ପକ୍ଷରୁ 'ରାଜ୍ୟବ୍ୟାପୀ ପ୍ରତିବାଦ' ଡାକରାରେ ରାଜ୍ୟର ବିଭିନ୍ନ ଅଂଚଳ ଯଥା ଗଞ୍ଜାମ, ଭୁବନେଶ୍ୱର, କଟକ, ବଲାଙ୍ଗୀର, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, କନ୍ଧମାଳ, ଯାଜପୁର, ବାରିପଦା, କପ୍ତିପଦା, ଅନୁଗୁଳ ଠାରେ ବିକ୍ଷୋଭ ଅନୁଷ୍ଠିତ ହେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମଗୁଡିକରେ ଏଆଇଡିଏସଓ ରାଜ୍ୟ ସଭାପତି କମ୍ରେଡ ସୋମନାଥ ବେହେରା, ସମ୍ପାଦକ କମ୍ରେଡ ସିଦ୍ଧାର୍ଥ ରଥ, ଅଫିସ ସମ୍ପାଦକ କମ୍ରେଡ ନସିମ ସରକାର, ଉପ-ସଭାପତି କମ୍ରେଡ ସୁନିଲ ଭୋଇ, କୋଷାଧ୍ୟକ୍ଷ କମ୍ରେଡ ସପ୍ତର୍ଷିନୀ ରାଉଳ, ରାଜ୍ୟ ସମ୍ପାଦକ ମଣ୍ଡଳୀ




ସଦସ୍ୟ କମ୍ରେଡ ପରମାନନ୍ଦ ସାହୁ, କମ୍ରେଡ ସଂଯୁକ୍ତା ସାହୁ, କମ୍ରେଡ ପ୍ରଭାତୀ ମଲ୍ଲିକ, କମ୍ରେଡ ତରୁଣସେନ ନାୟକ, କମ୍ରେଡ ନିମାଇଁ ଚରଣ ସାହୁ, କମ୍ରେଡ ନାରାୟଣ ସାହୁ, କମ୍ରେଡ ନାରାୟଣ ନାୟକ, କମ୍ରେଡ ଫୁଲଚାନ୍ଦ ଲୋହାର, କମ୍ରେଡ ପ୍ରଶାନ୍ତ ସାହୁ ରାଜ୍ୟ କିମିଟି ସଦସ୍ୟ କମ୍ରେଡ ପପୁନ ସାହୁ, କମ୍ରେଡ କିସାନ ସାହୁ, କମ୍ରେଡ ସୁଭସ୍ମିତା ପାଣିଗ୍ରାହୀ, କମ୍ରେଡ ଗୌରୀ ରାଉତ, କମ୍ରେଡ ଅବିନାଶ ପ୍ରଧାନ, କମ୍ରେଡ ଶ୍ରୀକାନ୍ତ ନାୟକ, କମ୍ରେଡ ସୁଭସ୍ମିତା ସାହୁ, କମ୍ରେଡ ଶିବାନୀ ସାହୁ, କମ୍ରେଡ ଜ୍ୟୋସ୍ନାରାଣୀ ଦାସ, କମ୍ରେଡ ମନୋଜ ପାତ୍ର, କମ୍ରେଡ ଯତୀନ ବାନରା, କମ୍ରେଡ ମଧୁସୂଦନ ସେଠୀ, କମ୍ରେଡ ବିଚିତ୍ରାନନ୍ଦ ଦାସ, କମ୍ରେଡ ନିଗମାନନ୍ଦ ଦାସ, ସନ୍ତୋଷ ଜେନା, ସତ୍ୟବ୍ରତ ଜେନା ଆଦି ଉପସ୍ଥିତ ଥିଲେ ଏବଂ ନେତୃତ୍ୱ ନେଇଥିଲେ ।

# କମ୍ରେଡ୍ ଶରତ ଚନ୍ଦ୍ର ବିଶୋୟୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

କଟକ ଜିଲ୍ଲା ଟ୍ରେଡ୍ ୟୁନିୟନ ସଂଗଠନର ପୁରୁଣା ସଦସ୍ୟ କମ୍ରେଡ୍ ଶରତ ଚନ୍ଦ୍ର ବିଶୋୟୀ ଅକ୍ଟୋବର ୧୦ ତାରିଖରେ ଦୀର୍ଘ ଅସୁସ୍ଥତାପରେ ୬୨ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି । କମ୍ରେଡ ବିଶୋୟୀ କିଡନୀ ରୋଗରେ ପୀଡିତ ଥିଲେ ।

କମ୍ରେଡ୍ ଶରତଚନ୍ଦ୍ର ବିଶୋୟୀ ୨୦୦୨ ମସିହାରୁ ପାର୍ଟି ସହିତ ଯୁକ୍ତ ହୋଇଥିଲେ । ପ୍ରଥମ ଅବସ୍ଥାରେ ଯେଉଁ ଅଳ୍ପ କେତେ ଜଣ ସଂଗଠକ ଏଆଇୟୁଟିୟୁସି ଜରିଆରେ ପାର୍ଟି ସହିତ ଘନିଷ୍ଠ ହୋଇଥିଲେ, ସେମାନଙ୍କ ମଧ୍ୟରୁ କମ୍ରେଡ୍ ବିଶୋୟୀ ଅନ୍ୟତମ । କଟକ ସଦର ଅଂଚଳରେ ପ୍ରାରମ୍ଭିକ ଅବସ୍ଥାରେ ସଂଗଠନ ଗଢିତୋଳିବା ପାଇଁ ଆଗେଇ ଆସିଥିବା ଉତ୍ସାହୀ ବ୍ୟକ୍ତି ମାନଙ୍କ ମଧ୍ୟରେ ସେ ଅଗ୍ରଣୀ ଥିଲେ । ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ସ୍ୱାବଲମ୍ବୀ କାରିଗର ଭାବେ କାମ କରୁଥିବା କମ୍ରେଡ ବିଶୋୟୀଙ୍କ ଉଦ୍ୟମ ଫଳରେ ୨୦୦୫ ମସିହାରେ କଟକ ସଦର ବ୍ଲକ୍‌ରେ ସ୍ୱାବଲମ୍ବୀ କାରିଗର କମିଟି ଗଠନ କରାଯାଇଥିଲା । ପରବର୍ତ୍ତୀ ସମୟରେ ସ୍ୱାବଲମ୍ବୀ କାରିଗର ମାନଙ୍କର ଜିଲ୍ଲା ସଂଗଠନ ଗଢି ଉଠିବା କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା । ମଧ୍ୟାହ୍ନ ଭୋଜନ ପାଚିକା ଭାବରେ କାମ କରୁଥିବା ତାଙ୍କ ସ୍ତ୍ରୀ ମଧ୍ୟ ଜିଲ୍ଲା ପାଚିକା-ସହାୟିକା ମାନଙ୍କ ସଂଗଠନ



ଗଢିତୋଳିବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ପାଳନ କରିଥିଲେ । ତାଙ୍କର ନିରପେକ୍ଷ, ନିଃସ୍ୱାର୍ଥପରି ସରଳ ଚରିତ୍ର ଯୋଗୁ ସେ ସାଧାରଣ ଲୋକଙ୍କର ସମ୍ମାନର ପାତ୍ର ଥିଲେ । ଉତ୍କଟ ଦରିଦ୍ର୍ୟ ସତ୍ତ୍ୱେ ତାଙ୍କ ଘର କମ୍ରେଡ ମାନଙ୍କ ପାଇଁ ନିଶ୍ଚିତ ଓ ନିରାପଦ ଆଶ୍ରୟସ୍ଥଳୀ ଥିଲା । ତାଙ୍କ ମୃତ୍ୟୁରେ ପାର୍ଟି ଓ ଟ୍ରେଡ୍ ୟୁନିୟନ ପାଇଁ ବିରାଟ କ୍ଷତି । ତାଙ୍କ ମୃତ୍ୟୁରେ ପାର୍ଟି କଟକ ଜିଲ୍ଲା କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି ।

**କମ୍ରେଡ୍ ଶରତ ଚନ୍ଦ୍ର ବିଶୋୟୀ**

*ଲାଲ ସାଲମ*

# କମ୍ରେଡ୍ ଜଗନ୍ନାଥ ଗୌଡଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

କୋରାପୁଟ ଜିଲ୍ଲାର ବରିଷ୍ଠ ପାର୍ଟି ସଦସ୍ୟ କମ୍ରେଡ ଜଗନ୍ନାଥ ଗୌଡ ଅକ୍ଟୋବର ୧୯ତାରିଖରେ ତାଙ୍କ ନିଜ ଗ୍ରାମ କୁନ୍ଦୁରା ବ୍ଲକର୍ ବରଗାଁଠାରେ ୭୯ବର୍ଷ ବୟସରେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ୧୯୮୯ ମସିହାରେ କମ୍ରେଡ୍ ଗୌଡ ସର୍ବହରାର ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାର ସଂସ୍ପର୍ଶରେ ଆସିଥିଲେ । ସେହି ସମୟରୁ ମୃତ୍ୟୁ ପର୍ଯ୍ୟନ୍ତ ଜଣେ ନିଷ୍ଠାପର କର୍ମୀ ଭାବରେ ସେ ବୈପାରିଗୁଡା ଆଂଚଳିକ କମିଟିର ପରିଚାଳନାରେ କାମ କରି ଆସୁଥିଲେ । ତାଙ୍କ ଗ୍ରାମ ଓ ନିକଟବର୍ତ୍ତୀ ଗ୍ରାମ ମାନଙ୍କରେ ଅତ୍ୟାଚାରୀ ସାହୁକାର, ଜଙ୍ଗଲ ବିଭାଗର ଅଧିକାରୀ ଓ ପୁଲିସ ଜୁଲୁମ୍ ବିରୁଦ୍ଧରେ ଆନ୍ଦୋଳନରେ ଜନସାଧାରଣଙ୍କୁ ସଂଗଠିତ କରିବା କ୍ଷେତ୍ରରେ କମ୍ରେଡ ଜଗନ୍ନାଥ ଗୌଡ ନେତୃତ୍ୱକାରୀ ଭୂମିକା ପାଳନ କରିଥିଲେ । ଦୀର୍ଘ ୩ବର୍ଷ ଧରି ଲଗାତର ଭାବରେ ଚାଲିଥିବା ଏହି ଆନ୍ଦୋଳନ ତାଙ୍କୁ ସେ ଅଂଚଳର ଜଣେ ଜନପ୍ରିୟ ନେତା ଭାବରେ ପରିଚିତ କରିଥିଲା । ପରବର୍ତ୍ତୀ ସମୟରେ ସେ ବହୁ ଗଣଆନ୍ଦୋଳନର ନେତୃତ୍ୱ ନେଇଥିଲେ । ତାଙ୍କ ଉଦ୍ୟୋଗରେ ସେହି ଅଂଚଳରେ ଏଆଇକେକେଏମ୍ଏସ୍ ସଂଗଠନ ଗଢିଉଠିଥିଲା ଏବଂ ସେ ସଂଗଠନର ବ୍ଲକ୍ ସଭାପତି ଭାବରେ ନିର୍ବାଚିତ ହୋଇଥିଲେ । ପାର୍ଟି ନେତା ଓ କର୍ମୀମାନଙ୍କ ପାଇଁ ତାଙ୍କର ଭଲପାଇବା ଅତ୍ୟନ୍ତ



ଗଭୀର ଥିଲା । ତାଙ୍କ ଘର ପାର୍ଟି କର୍ମୀମାନଙ୍କ ପାଇଁ ସଦାସର୍ବଦା ଉନ୍ମୁକ୍ତ ଥିଲା । ସେ ଦୁଇଥର ୱାର୍ଡ ମେମ୍ବର ଭାବରେ ନିର୍ବାଚିତ ହୋଇଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ଆଖପାଖ ଗାଁରୁ ଶହ ଶହ ସାଧାରଣ ଲୋକ ତାଙ୍କୁ ଶେଷ ସମ୍ମାନ ଜଣାଇବାପାଇଁ ସମବେତ ହୋଇଥିଲେ । ତାଙ୍କ ମୃତ୍ୟୁରେ ଆଦିବାସୀ ଅଧ୍ୟୁସିତ କୋରାପୁଟ ଜିଲ୍ଲାରେ ପାର୍ଟି ଜଣେ ବରିଷ୍ଠ ଏବଂ ଉଚ୍ଚସ୍ତରର କର୍ମୀଙ୍କୁ ହରାଇଲା । କମ୍ରେଡ ଜଗନ୍ନାଥ ଗୌଡଙ୍କ ମୃତ୍ୟୁରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କୋରାପୁଟ ଜିଲ୍ଲା ସାଂଗଠନିକ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି ।

**କମ୍ରେଡ୍ ଜଗନ୍ନାଥ ଗୌଡ**

*ଲାଲ ସଲାମ*

# ନଭେମ୍ବର ବିପ୍ଳବର ଶିକ୍ଷା - ବିପ୍ଳବୀ ପାର୍ଟି ଏକ ଲକ୍ଷ୍ୟହୀନ ବିତର୍କ ସଭା ନୁହେଁ



**"ସାମ୍ରାଜ୍ୟବାଦୀ ଯୁଦ୍ଧ ସଂପର୍କିତ ପ୍ରଶ୍ନ, ସମଗ୍ର ପୃଥିବୀ ଉପରେ ବର୍ତ୍ତମାନ ଆଧିପତ୍ୟ ବିସ୍ତାର କରିଥିବା ଲଗ୍ନିପୁଞ୍ଜିର ଆନ୍ତର୍ଜାତୀୟ ନୀତି, ଯେଉଁ ନୀତି ଅବଶ୍ୟମ୍ଭାବୀ ଭାବରେ ନୂତନ ସାମ୍ରାଜ୍ୟବାଦୀ ଯୁଦ୍ଧକୁ ଜନ୍ମ ଦେବ, ଯାହା ନିଶ୍ଚିତ ଭାବରେ ମୁଷ୍ଟିମେୟ ତଥାକଥିତ ଆଗୁଆ(Advanced) ଶକ୍ତିମାନଙ୍କ ଦ୍ୱାରା ଦୁର୍ବଳ, ପଛୁଆ ଏବଂ କ୍ଷୁଦ୍ର ଜାତି(Nationality) ମାନଙ୍କ ଉପରେ ଜାତୀୟ ଦମନ, ଲୁଣ୍ଠନ, ଦସ୍ୟୁବୃତ୍ତି ଓ ଶ୍ୱାସରୋଧ ପ୍ରକ୍ରିୟାକୁ ଅତିଶୟ ତୀବ୍ର କରିବ- ୧୯୧୪ ମସିହାରୁ ଏହି ପ୍ରଶ୍ନଟି ହିଁ ପୃଥିବୀର ସମସ୍ତ ଦେଶ ମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ନୀତିର ମୂଳ କଥା ।"**

- ଲେନିନ୍ - ନଭେମ୍ବର ବିପ୍ଳବର ୪ର୍ଥ ବର୍ଷପୂର୍ତ୍ତି ଉପଲକ୍ଷେ ବକ୍ତବ୍ୟ, ସମଗ୍ର ରଚନାବଳୀ ଖଣ୍ଡ ୩୩

*(୧୯୧୭ ମସିହା ନଭେମ୍ବର ୭ତାରିଖରେ ମହାନ ଲେନିନଙ୍କ ନେତୃତ୍ୱରେ ଋଷିଆରେ ଏକ ଅନବଦ୍ୟ, ବିପ୍ଳବ ସଂଗଠିତ ହୋଇଥିଲା । ନଭେମ୍ବର ବିପ୍ଳବ ନାମରେ ଇତିହାସ ପ୍ରସିଦ୍ଧ ଏହି ବିପ୍ଳବ ମାନବ ସଭ୍ୟତାର ଇତିହାସରେ ସର୍ବପ୍ରଥମ ମଣିଷ ଉପରେ ମଣିଷର ଶୋଷଣ, ଲୁଣ୍ଠନର କବର ରଚନାକରି ଶ୍ରମିକ ଶ୍ରେଣୀର ରାଷ୍ଟ୍ର ପ୍ରତିଷ୍ଠା କରିଥିଲା । ପୁଞ୍ଜିପତି ଶ୍ରେଣୀର ଶାସନ, ଶୋଷଣର ଅନ୍ତ ଘଟାଇ ସମାଜବାଦୀ ରାଷ୍ଟ୍ର ପ୍ରତିଷ୍ଠା ମଧ୍ୟଦେଇ ଏହି ବିପ୍ଳବ ପ୍ରମାଣ କଲା ଯେ ମହାନ କାର୍ଲ ମାର୍କ୍ସ ଏବଂ ତାଙ୍କର ବନ୍ଧୁ ତଥା ଘନିଷ୍ଠତମ ସହଯୋଦ୍ଧା ଫ୍ରେଡେରିକ୍ ଏଙ୍ଗେଲ୍ସଙ୍କ ଦ୍ୱାରା ପ୍ରଣୀତ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦୀ ଦର୍ଶନ ଏକ ଅଳିକ କଳ୍ପନା ନୁହେଁ, ଏହା ଶୋଷିତ ବଂଚିତ, ନିପିଡିତ ମଣିଷର ମୁକ୍ତିର ଅମୋଘ ହତିଆର, ଏକ ସୃଜନଶୀଳ ବିଜ୍ଞାନ । ସେଥିପାଇଁ ଏହି ଯୁଗାନ୍ତକାରୀ ବିପ୍ଳବର ୧୦୭ବର୍ଷ ପରେ ମଧ୍ୟ ପୁଞ୍ଜିବାଦୀ ଶୋଷଣରେ ଜର୍ଜରିତ ସମଗ୍ର ବିଶ୍ୱର ମେହନତୀ, ମୁକ୍ତିକାମୀ ମଣିଷଙ୍କ ପାଇଁ ଏହି ଐତିହାସିକ ଦିନଟି ଅଫୁରନ୍ତ ପ୍ରେରଣାର ଉତ୍ସ ଭାବରେ କାମ କରୁଛି । ପ୍ରତିବର୍ଷ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳ ପକ୍ଷରୁ ଏହି ଦିନଟିକୁ ଯଥାଯୋଗ୍ୟ ମର୍ଯ୍ୟାଦା ଓ ଗଭୀର ଆବେଗ ସହିତ ପାଳନ କରାଯାଏ । ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀ ଶିବିରରେ ଆତଙ୍କ ଖେଳାଇ ଦେବା ସଙ୍ଗେ ସଙ୍ଗେ ମେହନତୀ ମଣିଷ ମଧ୍ୟରେ ବିଶ୍ୱବ୍ୟାପୀ ମୁକ୍ତିର ଆଶା ସଂଚାର କରିଥିବା ଗୌରବୋଜ୍ଜ୍ୱଳ ନଭେମ୍ବର ବିପ୍ଳବରୁ ଶିକ୍ଷାନେଇ ମାର୍କ୍ସବାଦ-ଲେନିନ୍‌ବାଦ-ଶିବଦାସ ଘୋଷଙ୍କ ଶିକ୍ଷାକୁ ପାଥେୟ କରି ଏ ଦେଶରେ ପୁଞ୍ଜିବାଦ ବିରୋଧୀ ସମାଜତାନ୍ତ୍ରିକ ବିପ୍ଳବ ସଫଳ କରିବା ଲକ୍ଷ୍ୟରେ ଏହି ଦଳ ଧାପେ ଧାପେ ଅଗ୍ରସର ହେଉଛି ।*

*ମହାନ ନଭେମ୍ବର ବିପ୍ଳବର ୫୪ତମ ବାର୍ଷିକୀ ଉପଲକ୍ଷେ ୧୯୭୧ ମସିହା ନଭେମ୍ବର ୨୬ତାରିଖରେ କୋଲକାତାର ମହାଜତି ସଦନଠାରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ଉଦ୍ୟୋଗରେ ଆହୂତ ଜନସଭାରେ ମହାନ ଲେନିନ୍‌ଙ୍କର ଅନ୍ୟତମ ଯୋଗ୍ୟ ଉତ୍ତର ସାଧକ ତଥା ଦଳର ପ୍ରତିଷ୍ଠାତା ସାଧାରଣ ସଂପାଦକ କମ୍ରେଡ୍ ଶିବଦାସ ଘୋଷ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । କାର୍ଲ ମାର୍କ୍ସ, ଫ୍ରେଡେରିକ ଏଙ୍ଗେଲ୍ସ, ଲେନିନ, ଷ୍ଟାଲିନ ଓ ମାଓ-ସେ-ତୁଙ୍ଗଙ୍କ ଶିକ୍ଷାର ଆଲୋକରେ ଦ୍ୱାନ୍ଦିକ ପଦ୍ଧତି ପ୍ରୟୋଗକରି ସଠିକ୍ ବିପ୍ଳବୀ ଦଳକୁ ଚିହ୍ନି ନେବା ଏବଂ ଏହି ଦଳର ପତାକା ତଳେ ଐକ୍ୟବଦ୍ଧ ହୋଇ ଦେଶରେ ଶୋଷଣ ମୁକ୍ତିର ଲଢେଇକୁ ତ୍ୱରାନ୍ୱିତ କରିବାପାଇଁ ଏହି ସଭାରେ କମ୍ରେଡ୍ ଘୋଷ ଆହ୍ୱାନ ଦେଇଥିଲେ । ପାର୍ଟିର ବଙ୍ଗଳା ମୁଖପତ୍ର 'ଗଣଦାବି'ର ୧୯୯୮ ଜାନୁଆରୀ ୧ ସଂଖ୍ୟାରେ ସର୍ବପ୍ରଥମ ଏହି ବକ୍ତବ୍ୟଟି ପ୍ରକାଶିତ ହୋଇଥିଲା । ପରବର୍ତ୍ତୀ ସମୟରେ ଏହି ବକ୍ତବ୍ୟଟି 'ଦ୍ୱନ୍ଦମୂଳକ ବସ୍ତୁବାଦ ହିଁ ମାର୍କ୍ସବାଦୀ ବିଜ୍ଞାନ' ଶିରୋନାମାରେ ପୁସ୍ତିକା ଆକାରରେ ପ୍ରକାଶିତ ହୋଇଥିଲା । ୨୦୦୬ ମସିହାରେ ବହିଟିର ଓଡିଆ ଅନୁବାଦ ପ୍ରକାଶ କରାଯାଇଛି ।*

*ଗୌରବୋଜ୍ଜ୍ୱଳ ନଭେମ୍ବର ବିପ୍ଳବର ୧୦୭ତମ ବାର୍ଷିକୀ ଉପଲକ୍ଷେ ଏହି ବିପ୍ଳବର ରୂପକାର ମହାନ ଲେନିନଙ୍କ ଶିକ୍ଷାର ଆଧାରରେ ଦଳର ନେତା, ସଂଗଠକ, କର୍ମୀ ତଥା ସର୍ବହରା କ୍ରାନ୍ତିର ବିଦଗ୍ଧ ପାଠକ ମାନଙ୍କ ପାଇଁ ଗୋଟିଏ ପ୍ରକୃତ କମ୍ୟୁନିଷ୍ଟ ପାର୍ଟିରେ 'ଅଥରିଟି'ର ଧାରଣା ସଂପର୍କିତ ଅଂଶଟିକୁ ଉପରୋକ୍ତ ପୁସ୍ତିକାରୁ ଉଦ୍ଧାରକରି ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ସ୍ଥାନିତ କରାଯାଉଛି । ଆଶା କରୁଛୁ ପ୍ରକୃତ କମ୍ୟୁନିଷ୍ଟ ପାର୍ଟିକୁ ଚିହ୍ନିବା କ୍ଷେତ୍ରରେ ଏହା ସହାୟକ ହେବ । - ସଂପାଦକ, ସର୍ବହରା କ୍ରାନ୍ତି)*

ନଭେମ୍ବର ବିପ୍ଳବ ଜରିଆରେ ଲେନିନ୍ ପାର୍ଟି, ପାର୍ଟି ନେତୃତ୍ୱ ଓ ଅଥରିଟିର ଧାରଣାଟିକୁ ତୋଳି ଧରିଲେ । ନେତୃତ୍ୱର ପ୍ରଶ୍ନଟି ଏତେ ଜରୁରୀ କାହିଁକି ? ତାହା କ'ଣ ପାର୍ଟିକୁ କେବଳ ସୁଶୃଙ୍ଖଳିତ ଭାବେ ଚଳାଇବା ପାଇଁ, ନା କେବଳ ତାହା ନୁହେଁ । ଜନସାଧାରଣଙ୍କୁ ସକ୍ରିୟ ଭୂମିକାକୁ ଟାଣି ଆଣିବା ପାଇଁ ମଧ୍ୟ ନେତୃତ୍ୱ ଓ ଅଥରିଟି ଦରକାର । କମ୍ୟୁନିଷ୍ଟ ପାର୍ଟିର ଏହି ଅଥରିଟି ଧାରଣାକୁ କେନ୍ଦ୍ରକରି ଯାନ୍ତ୍ରିକତା, ଅମଲାତାନ୍ତ୍ରିକତା, ବ୍ୟକ୍ତିପୂଜାବାଦ୍ ଇତ୍ୟାଦି ନାନା କଥା ଆସିଛି । ଆମେମାନେ ଏସବୁ ବିରୁଦ୍ଧରେ ସଂଗ୍ରାମ କରୁଛୁ । ଆମେ ଜାଣୁ ବାସ୍ତବ ଅବସ୍ଥା ଯୋଗୁ ପାର୍ଟିର ସର୍ବୋଚ୍ଚ ନେତୃତ୍ୱର ସ୍ତର ଆଉ କର୍ମୀମାନଙ୍କର ର୍‍ୟାଙ୍କ ଆଣ୍ଡ ଫାଇଲ୍‌ର ଚେତନାର ସ୍ତର ମଧ୍ୟରେ ବିରାଟ ବ୍ୟବଧାନ ରହିଛି । ଏପରିକି ନ୍ୟୁନତମ ଯେଉଁ ଚେତନାର ସ୍ତରଟି କର୍ମୀମାନଙ୍କର ରହିବା ଆବଶ୍ୟକ ସେଠି ମଧ୍ୟ ଅନେକ କ୍ଷେତ୍ରରେ ବ୍ୟବଧାନ ରହିଛି । ପୁଣି ପାର୍ଟି କର୍ମୀମାନଙ୍କର ଚେତନାର ସ୍ତର ସହିତ

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

## ନଭେମ୍ବର ବିପ୍ଳବର ଶିକ୍ଷା . . .

*(୫ମ ପୃଷ୍ଠାର ଅବଶିଷ୍ଟାଂଶ)*

ଜନସାଧାରଣଙ୍କର ଚେତନାର ନ୍ୟୁନତମ ମାନ କ୍ଷେତ୍ରରେ ବିରାଟ ବ୍ୟବଧାନ ରହିଛି, ନେତୃତ୍ୱ ଚାହିଁଲେ ହିଁ କଣ ଏହାକୁ କମାଇ ଦେଇପାରିବ ? ଏକ ଦୀର୍ଘସ୍ଥାୟୀ ପ୍ରକ୍ରିୟା ମଧ୍ୟଦେଇ ଏହାକୁ କମେଇବା ସମ୍ଭବ ହେବ । ଯେତେବେଳଯାଏ ତାହା ନ ଘଟୁଛି, ସେତେବେଳଯାଏ ଯେକୌଣସି ତତ୍ତ୍ୱର ଉପଲବ୍ଧି କ୍ଷେତ୍ରରେ ଏବଂ ସେହି ଅନୁଯାୟୀ କାର୍ଯ୍ୟକ୍ଷେତ୍ରରେ ଏକ ଯାନ୍ତ୍ରିକତା ରହିବ ହିଁ ରହିବ । କିନ୍ତୁ ରହିବ ବୋଲି ସେ ସଂପର୍କରେ ଆମେ ଅସର୍ତକ ରହିପାରୁନା, ତାକୁ ବଢିବାକୁ ଦେଇପାରୁନା । ଯେଉଁ ଯାନ୍ତ୍ରିକତା ରହିଛି ତାହା ବାସ୍ତବ ସୀମାବଦ୍ଧତା; ଏଣୁ ତାର ଚରିତ୍ର ଆମକୁ ବୁଝିବାକୁ ହେବ ଏବଂ ଚେତନାର ମାନ ବୃଦ୍ଧି କରିବାପାଇଁ ଆମକୁ ନିରବଚ୍ଛିନ୍ନ ଭାବେ ଚେଷ୍ଟା କରିଯିବାକୁ ହେବ, ସଂଗ୍ରାମର ମଧ୍ୟ ଦେଇ, ଆଳାପ ଆଲୋଚନା, ଷ୍ଟଡି କ୍ଲାସ ଇତ୍ୟାଦି ମଧ୍ୟ ଦେଇ । ଏହିଭଳିଭାବେ ଦେଶ ଭିତରେ, ଗଣଆନ୍ଦୋଳନ ଭିତରେ, ପାର୍ଟିର ଆଭ୍ୟନ୍ତରୀଣ ଜୀବନଯାତ୍ରା ଭିତରେ ଏକ ତର୍କବିତର୍କ ଭିତରେ ଆଳାପ ଆଲୋଚନାର ଏକ ପରିବେଶ ସୃଷ୍ଟି କରିବା ହିଁ ହେଉଛି ଚେତନାର ମାନକୁ ନିରବଚ୍ଛିନ୍ନ ଭାବରେ ବିକଶିତ କରିବାର ପଥ, ଯାନ୍ତ୍ରିକତା ରୋକିବା, ତାହାକୁ ନିୟନ୍ତ୍ରଣରେ ରଖିବାର ବାସ୍ତବ ପନ୍ଥା । ଯାନ୍ତ୍ରିକତାର ମନୋଭାବ ଓ ସେଥିରୁ ଯେଉଁ ଦୋଷଗୁଡିକ ସୃଷ୍ଟିହୁଏ ସେଥିରୁ ପାର୍ଟି କର୍ମୀମାନଙ୍କୁ ଦୂରେଇ ରଖିବା ପାଇଁ ଏହା ହିଁ ହେଉଛି ବାସ୍ତବ ପ୍ରକ୍ରିୟା । କିନ୍ତୁ ତାହେଲେ ଆମେ ଚାହିଁଲେ ହିଁ କ'ଣ ସମସ୍ତଙ୍କର ଷ୍ଟାଣ୍ଡର୍ଡ(ମାନ) ସମାନ କରିଦେଇପାରିବୁ । ସେଭଳି ଭାବିବା ଅବାସ୍ତବ । କୌଣସି ମାର୍କ୍ସବାଦୀ ହିଁ ଏଭଳିଭାବେ ଚିନ୍ତା କରେନାହିଁ । ତତ୍ତ୍ୱର ଉପଲବ୍ଧି ଓ ତାହାକୁ ପ୍ରୟୋଗ କରିବା କ୍ଷେତ୍ରରେ ଚେତନାର ବ୍ୟବଧାନ ଥିଲେ, ଯାନ୍ତ୍ରିକତାର ଏହି ସୀମାବଦ୍ଧତା ରହିବ ହିଁ ରହିବ । ଏଥିପାଇଁ ପୁଣି ଅଥରିଟିର ଧାରଣା ଏକ ବାସ୍ତବ ପ୍ରୟୋଜନ । ଏହାଛଡା କୌଣସି କାମ ହୋଇପାରେନା । କୌଣସି ମହତ ଉଦ୍ଦେଶ୍ୟ ସାଧିତ ହୋଇପାରେନା ।

ତେଣୁ ଗଣତନ୍ତ୍ର, ଅଧିକାର ଏହିସବୁ ବଡ ବଡ କଥାର ଆଢୁଆଳରେ ଅଥରିଟିକୁ କୌଣସି ପ୍ରକାର ଲଘୁ କରିବାର ଚେଷ୍ଟାହେଲେ, ତାର ଅର୍ଥ ହେବ ବାସ୍ତବରେ ପାର୍ଟି ନେତୃତ୍ୱର ଅବସାନ ଘଟାଇବା, ପାର୍ଟି ସଂହତିର ଅବସାନ ଘଟାଇବା, ଜନସାଧାରଣଙ୍କୁ ନେତୃତ୍ୱହୀନ ଚୂଡାନ୍ତ ବିଶୃଙ୍ଖଳତା ଭିତରେ ଛାଡିଦେବା । ଅଥରିଟିକୁ ବାଦ ଦେଲେ ମତାଦର୍ଶଗତ ସଂଗ୍ରାମକୁ ମଧ୍ୟ ଏକ ଖୋଲା ମଇଦାନର ତର୍କବିତର୍କରେ ପରିଣତ କରାହେବ । ବିପ୍ଳବୀ ପାର୍ଟିକୁ ଏକ ଲକ୍ଷ୍ୟହୀନ ବିତର୍କ ସଭାସ୍ତରକୁ ଅଧଃପତିତ କରାଯିବ । ଏ ବିଷୟ କେବେହେଲେ କୌଣସି ବିପ୍ଳବୀ ପାର୍ଟି ଚିନ୍ତା କରିପାରେନା । ଫଳରେ ବ୍ୟକ୍ତିପୂଜା ବା ଯାନ୍ତ୍ରିକତା ବିରୁଦ୍ଧରେ ସଂଗ୍ରାମ କରିବା ନାଁରେ ଅଥରିଟିକୁ ହେୟ କରିବାର, ଲଘୁ କରିବାର କୌଣସି ପ୍ରବଣତା ଓ ଚିନ୍ତାକୁ ସମର୍ଥନ କରିବା ଦୂରର କଥା, ତିଳେମାତ୍ର ଲଘୁ କରିବା ଚଳିବ ନାହିଁ । ମୁଁ ଯଦି କୌଣସି ଆଲୋଚନାର ଢଙ୍ଗରେ କୌଣସି ପ୍ରଶ୍ନ କରିବା ଢଙ୍ଗଦ୍ୱାରା ପାର୍ଟି ଅଥରିଟିକୁ ନ୍ୟୁନ କରିପକାଏ, ତେବେ ତାହାଦ୍ୱାରା ଗୁରୁତର ଅନ୍ୟାୟ ଓ ଅପରାଧ କରିବି । କୌଣସି ବିପ୍ଳବୀ ପାର୍ଟି ତାହା ମାନିନେଇ ପାରେନା, ମାନିନେବା ଉଚିତ ନୁହେଁ । ଏହିଠାରେ ହିଁ ହେଲା ସୀମାରେଖା । ପାର୍ଟିର ଆଭ୍ୟନ୍ତରୀଣ ଜୀବନରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯେକୌଣସି ବିଷୟରେ ଆଲୋଚନାର ତର୍କବିତର୍କ କରିବାର ବ୍ୟାପକ ଅଧିକାର ପାର୍ଟି ଜଣକୁ ଦେବ । କିନ୍ତୁ ଏହି ବ୍ୟାପକ କଥାଟିର ଅର୍ଥ ସବୁ ସୀମା ଅତିକ୍ରମ କରିଯିବା ନୁହେଁ । ସେଠି ସୀମାଟି ହେଲା କେହି ଆଲୋଚନା କରିବା ନାଁରେ ଅଥରିଟିକୁ ନ୍ୟୁନକରି ପାରିବେ ନାହିଁ । ଅଥରିଟି ସଂପର୍କରେ ଉପଲବ୍ଧି ଯଦି କେଉଁଠି ଯାନ୍ତ୍ରିକ ହେଉଛି ବୋଲି କେହି ମନେ କରନ୍ତି, ତାକୁ ନେଇ ସେ ଆଲୋଚନା କରିପାରନ୍ତି । ତେବେ ସେ କ୍ଷେତ୍ରରେ ତାଙ୍କ ପ୍ରଶ୍ନଟି ସୁନିର୍ଦ୍ଦିଷ୍ଟ ହେବ, ଅର୍ଥାତ୍ ଯେଉଁ ଜାଗାରେ ସେ ଉପଲବ୍ଧିଟି ଯାନ୍ତ୍ରିକ ହେଉଛି ବୋଲି ମନେ କରୁଛନ୍ତି, ସେହି ଜାଗାଟିକୁ ଦେଖାଇ କହିବେ ଯେ ଏହି ଜାଗାରେ ଉପଲବ୍ଧି ଯାନ୍ତ୍ରିକ ହେଉଛି, ଏଠି ବିଷୟଟି ସଂପର୍କରେ ବୁଝିବା ସଠିକ ହୋଇନାହିଁ ବୋଲି ଏହା ଘଟୁଛି । ବିଷୟଟିକୁ ଏଭଳି ଭାବେ ବୁଝାଯାଇଥିଲେ ଯାନ୍ତ୍ରିକ ହୁଅନ୍ତା ନାହିଁ । ପ୍ରଶ୍ନ ଉତ୍ଥାପନ କରିବା ବିଷୟଟି ବି ଏହିଭଳି ଭାବେ ହେଲେ ହିଁ ତା' ଦ୍ୱାରା ବିପ୍ଳବୀ ଆନ୍ଦୋଳନ ଉପକୃତ ହେବ । କିନ୍ତୁ ପ୍ରଶ୍ନ ଓ ଆଲୋଚନା ଯଦି ବଡ କଥା ଆଢୁଆଳରେ ଏଭଳିଭାବେ ଉଠାଯାଏ, ଯଦ୍ୱାରା ଅଥରିଟି ସଂପର୍କରେ ହିଁ ପ୍ରଶ୍ନ ଦେଖା ଦେଇପାରେ, ତେବେ ତାକୁ ଆଦୌ ପ୍ରଶ୍ରୟ ଦିଆଯାଇପାରେନା, ଦେଲେ ବିରାଟ କ୍ଷତି ହୋଇଯିବ । କ୍ରୁଶ୍ଚେଭଙ୍କ ଭଳି ସଂଶୋଧନବାଦୀଙ୍କ ଦ୍ୱାରା ସାମ୍ୟବାଦୀ ଆନ୍ଦୋଳନରେ ତାହାହିଁ ଘଟିଗଲା । ବ୍ୟକ୍ତି ପୂଜା ବିରୁଦ୍ଧରେ ସଂଗ୍ରାମ କରିବା ନାଁରେ ସେମାନେ ଷ୍ଟାଲିନଙ୍କ ଅଥରିଟିକୁ ହିଁ ନ୍ୟୁନ କରିଦେଲେ ଏବଂ ସେହି ପଥରେ ସାମ୍ୟବାଦୀ ଆନ୍ଦୋଳନରେ ସଂଶୋଧନବାଦର ସିଂହଦ୍ୱାର ଖୋଲିଦେଲେ । ଲେନିନଙ୍କ ମୃତ୍ୟୁପରେ ଷ୍ଟାଲିନଙ୍କ ମଧ୍ୟଦେଇ ଲେନିନବାଦ ସଠିକ ଓ ସୁନିର୍ଦ୍ଦିଷ୍ଟ ଉପଲବ୍ଧିର ପଥ ପାଇଥିଲା । କ୍ରୁଶ୍ଚେଭ ପ୍ରଭୃତି ତାକୁ ଧ୍ୱଂସ କରିଦେଲେ । ଏହାଫଳରେ ଲେନିନଙ୍କର ମୂଳ ସିଦ୍ଧାନ୍ତ ଗୁଡିକ ଯିଏ ଯେମିତି ଖୁସି ସେମିତି ବ୍ୟାଖ୍ୟା କରିବାର ବିଷୟ ହୋଇଗଲା । ପରିଣାମତଃ ଆଦର୍ଶଗତ କ୍ଷେତ୍ରରେ ସଂଶୋଧନବାଦ-ସଂସ୍କାରବାଦର ଅନୁପ୍ରବେଶ ଦ୍ୱାର ଖୋଲି ଦିଆଗଲା । ନଚେତ୍ ବହୁଦେଶରେ ହିଁ କମ୍ୟୁନିଷ୍ଟମାନଙ୍କର ଆତ୍ମଦାନ ଥିଲା, ସଂଗ୍ରାମ ଥିଲା, କାର୍ଯ୍ୟକଳାପ ଥିଲା, ଅଗ୍ରଗତି ଥିଲା । ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନ ବହୁବାଟ ଆଗେଇ ଯାଇଥିଲା, ତା'ପରେ ଏକ ବିରାଟ ସମୟ ଧରି କେବଳ ପଛକୁ ହଟି ଆସିଲା । ଅନ୍ଧକାର ଯୁଗ ନଇଁ ଆସିଲା । କମ୍ୟୁନିଷ୍ଟ ଆନ୍ଦୋଳନରେ ବ୍ୟକ୍ତିପୂଜାବାଦ ବିରୁଦ୍ଧରେ ଲଢେଇ କରିବା ଆଳରେ କ୍ରୁଶ୍ଚେଭ ପ୍ରମୁଖ ସର୍ବନାସ କରିଦେଲେ । ବ୍ୟକ୍ତିପୂଜାବାଦ ବିରୁଦ୍ଧରେ ଲଢେଇ କରିବା ଏତେ ସହଜ କଥା ନୁହେଁ । ସେଥିପାଇଁ ବ୍ୟକ୍ତିପୂଜାବାଦର ମୂଳ କାରଣଟି ଜାଣିବାକୁ ହୁଏ । ଏସବୁ କଥା କ୍ରୁଶ୍ଚେଭଙ୍କ ଭଳି ସଂଶୋଧନବାଦୀମାନେ ଚିନ୍ତା କରିନାହାନ୍ତି । ସେମାନେ ଷ୍ଟାଲିନଙ୍କୁ ନ୍ୟୁନ କରିବାକୁ ଯାଇ ସାମ୍ୟବାଦୀ ଆନ୍ଦୋଳନରେ ଅଥରିଟିର ସମଗ୍ର ଧାରଣାଟିକୁ ହିଁ ଧ୍ୱଂସ କରିଦେଲେ । ଷ୍ଟାଲିନ ନିଛକ ଜଣେ ବ୍ୟକ୍ତି ନଥିଲେ । ସେ ଥିଲେ ଅଥରିଟି ସଂପର୍କିତ ଧାରଣାର ମୂର୍ତ୍ତରୂପ । ଷ୍ଟାଲିନଙ୍କ ସଂପର୍କରେ ଜନସାଧାରଣଙ୍କର ଭୂମିକାର ପ୍ରଶ୍ନଟି କାହା ସହିତ ଜଡିତ ? ଷ୍ଟାଲିନଙ୍କ ସହିତ ଜଡିତ ରହିଛି, ଏକ ଗୌରବମୟ ସ୍ମୃତି । ତାଙ୍କ ନାମ ସହିତ, ତାଙ୍କ ମର୍ଯ୍ୟାଦା ସହିତ, ତାଙ୍କ ଅଥରିଟି ସହିତ ଜଡିତ ରହିଛି ମାର୍କ୍ସବାଦ-ଲେନିନ୍‌ବାଦର ଏକ ବ୍ୟାଖ୍ୟା । ଯାହା ଜାଣିବାପାଇଁ ମଣିଷ ମଧ୍ୟରେ ପ୍ରବଳ ଆଗ୍ରହ ରହିଛି । ଶିଖିବାକୁ ହେଲେ ଷ୍ଟାଲିନ ପ୍ରଦର୍ଶିତ ପଥରେ ହିଁ ଯିବାକୁ ହେବ । କୌଣସି ଧାରଣା ସଠିକ୍ କି ବେଠିକ୍ ତାର ବିଚାର ଷ୍ଟାଲିନ ଦେଇଥିବା ମାନଦଣ୍ଡରେ ହିଁ କରିବାକୁ ହେବ । ସମଗ୍ର ବିଶ୍ୱର ମେହନତି ମଣିଷର ଓ କମ୍ୟୁନିଷ୍ଟମାନଙ୍କର ଏହି ମାନସିକତାଟିକୁ ହିଁ ଧ୍ୱଂସ କରିଦିଆଗଲା ଷ୍ଟାଲିନଙ୍କୁ କାଳିମାଲିପ୍ତକରି, ତାଙ୍କ ଅଥରିଟିକୁ ବିଲୁପ୍ତ କରିବା ମଧ୍ୟଦେଇ ।

ସାମ୍ୟବାଦୀ ଆନ୍ଦୋଳନରେ ଏହି ଅଥରିଟିର ଧାରଣା ମଧ୍ୟ ଲେନିନୀୟ ପାର୍ଟି ତତ୍ତ୍ୱର ହିଁ ଧାରଣା । ଏ ସଂପର୍କରେ ସୁନିର୍ଦ୍ଦିଷ୍ଟ ଧାରଣା ଯଦି ପାର୍ଟି ଭିତରେ ନଥାଏ, ବା ଏହାକୁ ଯଦି ଉପର ଠାଉରିଆଭାବେ ବୁଝାଯାଏ, ତେବେ ନେତୃତ୍ୱ କଥାଟିର କୌଣସି ଅର୍ଥନାହିଁ । ଷ୍ଟାଲିନଙ୍କର ଏ ବିଷୟ ସଂପର୍କରେ ଆଲୋଚନା ରହିଛି । ଟ୍ରଟସ୍କିଙ୍କ ସହିତ ଆଲୋଚନାବେଳେ ଷ୍ଟାଲିନ ଏହି ନେତୃତ୍ୱ ବା ଅଥରିଟି ଧାରଣାକୁ ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି, କମ୍ୟୁନିଷ୍ଟ ପାର୍ଟିରେ ନେତୃତ୍ୱର ଧାରଣାଟି ଉପରଠାଉରିଆ ନୁହେଁ, ବିମୂର୍ତ୍ତ ନୁହେଁ, ତାହା ସୁନିର୍ଦ୍ଦିଷ୍ଟ ଓ ବାସ୍ତବ । ତାହା ନହେଲେ ନେତୃତ୍ୱ କଥାଟିର କୌଣସି ଅର୍ଥ ନାହିଁ । ଏ ବିଷୟରେ ଷ୍ଟାଲିନଙ୍କ ନେତୃତ୍ୱରେ ସୋଭିଏତ୍ ପାର୍ଟି ଏତିକିମାତ୍ର କହିଛି, ସେମାନେ ବିଷୟଟିକୁ ଆହୁରି ବିଷଦ ଭାବେ ତତ୍ତ୍ୱଗତ ବ୍ୟାଖ୍ୟା କରିଯାଇନାହାନ୍ତି । ଆମ ପାର୍ଟି ଏହି କାମଟି କରିଛି । ଏଠାରେ ଆମେ ଭୁଲ କରିନାହୁଁ । ନେତୃତ୍ୱର ସୁନିର୍ଦ୍ଦିଷ୍ଟ ଧାରଣାଟିକୁ ପ୍ରତିଷ୍ଠିତ କରିବା ଦ୍ୱାରା ଆମେ ପାର୍ଟିକୁ ଆମର ତ୍ରୁଟି ବିଚ୍ୟୁତି ସୀମାବଦ୍ଧତା ମଧ୍ୟରେ ବି ଉଗ୍ର ଗଣତନ୍ତ୍ର, ବୁର୍ଜୁଆ ବ୍ୟକ୍ତିବାଦ, ସଂଶୋଧନବାଦ, ସଂସ୍କାରବାଦର ଆକ୍ରମଣରୁ ରକ୍ଷା କରିବାକୁ ଚେଷ୍ଟା କରିଛୁ, ଯଦ୍ୱାରା ବିଶ୍ୱର ବହୁ ପାର୍ଟିର ଯେଉଁ ପରିଣତି ହୋଇଛି ଆମ ଦେଶରେ ସିପିଆଇ, ସିପିଆଇ(ଏମ୍)ର ଯାହା ଘଟିଛି, ଆମ କ୍ଷେତ୍ରରେ ତାହା ଯେମିତି ନ ଘଟେ ।

★ ★ ★

## ଔଷଧର ଦର ବୃଦ୍ଧି . . .

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଅଭାବ ନଥାଏ । ତା'ହେଲେ ସାଧାରଣ ଲୋକଙ୍କ ଜୀବନ-ମରଣ ସହିତ ଯୁକ୍ତ ଔଷଧ ପାଇଁ ସବ୍‌ସିଡି ଦେବା କ୍ଷେତ୍ରରେ ସରକାରଙ୍କର ଏହି ଧରଣର କାର୍ପଣ୍ୟ କାହିଁକି ?

ଦେଶର ୨୮ କୋଟିରୁ ଅଧିକ ଲୋକ ଘୋର ଦାରିଦ୍ର୍ୟମଧ୍ୟରେ କାଳାତିପାତ କରୁଛନ୍ତି । ୮୦ କୋଟି ଲୋକ ଖାଦ୍ୟପାଇଁ ସରକାରୀ ସହାୟତା ଉପରେ ନିର୍ଭରଶୀଳ । ଔଷଧର ଏହି ଧରଣର ଦରବୃଦ୍ଧି କଣ ସେମାନଙ୍କ ଉପରେ ଅସହ୍ୟ ବୋଝ ହେବ ନାହିଁ ? ଏହା ଫଳରେ ସମାଜର ଏକ ବଡ ଅଂଶ କଣ ଚିକିତ୍ସା ସୁଯୋଗରୁ ବଂଚିତ ହେବେ ନାହିଁ ? ଦେଶରେ ଦୁଇଧରଣର ଔଷଧର ତାଲିକା ରହିଛି । ଅତିପ୍ରୟୋଜନୀୟ ଔଷଧ ବା ସିଡ୍ୟୁଲ୍ଡ ଡ୍ରଗ ଓ ନନ୍ ସିଡ୍ୟୁଲ୍ଡ ଡ୍ରଗ୍ସ । ପ୍ରତିବର୍ଷ ସରକାର ଔଷଧର ଦର ସ୍ଥିର କରନ୍ତି । ତା' ସତ୍ତ୍ୱେ ମଧ୍ୟ ପ୍ରତିବର୍ଷ ଔଷଧର ଦର ବଢିଚାଲିଛି । ନନ୍ ସିଡ୍ୟୁଲ୍ଡ ଔଷଧ ଗୁଡିକର ଦର ଔଷଧ କମ୍ପାନୀମାନେ ମନଇଚ୍ଛା ବଢାଇ ଚାଲିଛନ୍ତି । ଏଠାରେ ସୂଚନାଯୋଗ୍ୟ ପୃଥିବୀର ଶତକଡା ୨୦ଭାଗ ଜେନେରିକ ଔଷଧ ଭାରତ ବିଭିନ୍ନ ଦେଶକୁ ରପ୍ତାନୀ କରୁଛି । ତା'ସତ୍ତ୍ୱେ ମଧ୍ୟ ଦେଶର ସାଧାରଣ ଲୋକଙ୍କୁ ସୁଲଭ ମୂଲ୍ୟରେ ଔଷଧ ଯୋଗାଇ ଦିଆଯାଉନାହିଁ କାହିଁକି ? ବ୍ୟାପକ ଦରବୃଦ୍ଧି କରି ଏକଚାଟିଆ ଔଷଧ କମ୍ପାନୀଗୁଡିକୁ ମୁନାଫା ଲୁଟର ସୁଯୋଗ ଦେବାପାଇଁ ଏହା କରାଯାଉଛି ।

କଂଚାମାଲର ଦର ସାମାନ୍ୟ ବୃଦ୍ଧି ହେବା ଫଳରେ କ'ଣ ଔଷଧ କମ୍ପାନୀମାନଙ୍କର କ୍ଷତି ହେଉଛି ? ପୁଣି କଂଚାମାଲ ଉପରେ କେନ୍ଦ୍ର ସରକାର ଆଦାୟ କରୁଥିବା ଜିଏସ୍‌ଟି ହିଁ ଏସବୁର ଦରବୃଦ୍ଧିର ମୁଖ୍ୟ କାରଣ ନୁହେଁ କି ? ହିସାବ ଅନୁଯାୟୀ ଔଷଧ କମ୍ପାନୀ ଗୁଡିକର ମୁନାଫା ଉତ୍ତରୋତ୍ତର ବଢିଚାଲିଛି । ରେଡ୍ଡି ଲାବରୋଟୋରୀ, ସିପଲା, ସନ ଫାର୍ମା, ଅରବିନ୍ଦ ଫାର୍ମା, ଡିଭିଜ୍ ଲାବୋରେଟୋରୀ, ଆଲକେମ୍, ମ୍ୟାନକାଇଣ୍ଡ, ଗ୍ଲେନମାର୍କ, ଆବର୍ଟ, ଟରେ ଫାର୍ମାସ୍ୟୁଟିକାଲ ଭଳି ବଡ ବଡ ଔଷଧ କମ୍ପାନୀଗୁଡିକ ଲକ୍ଷ ଲକ୍ଷ କୋଟି ଟଙ୍କା ମୁନାଫା ଅର୍ଜନ କରୁଛନ୍ତି । କେବଳ ଚଳିତବର୍ଷ ହିଁ ରେଡ୍ଡି ଲାବୋରେଟୋରୀ ମୁନାଫା କରିଛି ୨୬୦୦କୋଟି ଟଙ୍କା, ସିପଲା ୨୪୦୦କୋଟି ଟଙ୍କା, ସନ ଫାର୍ମା ୨୬୦୦କୋଟି ଟଙ୍କା । ଏହି କମ୍ପାନୀମାନେ ଏତେ ବିପୁଳ ମୁନାଫା ଅର୍ଜନ କରୁଛନ୍ତି ଯେ ଦେଶର ସବୁଠାରୁ ବଡ ଏକଚାଟିଆ ପୁଞ୍ଜିପତିମାନଙ୍କ ମଧ୍ୟରେ ଏଗୁଡିକ ପରିଗଣିତ ହେଉଛନ୍ତି । ତା'ସତ୍ତ୍ୱେ ମଧ୍ୟ ଏହି କମ୍ପାନୀମାନେ କ୍ଷତି କରୁଛନ୍ତି ବୋଲି କାନ୍ଦଣା କାନ୍ଦୁଛନ୍ତି ଏବଂ ସରକାର ଏହାକୁ ଗ୍ରହଣ କରି ଦରବୃଦ୍ଧି ପାଇଁ ସମ୍ମତି ଦେଉଛନ୍ତି କିଭଳି ? ୨୦୨୪ ମସିହାରେ ୩୫ଟି ଔଷଧ କମ୍ପାନୀ ବିଜେପି ସମେତ ଅନ୍ୟାନ୍ୟ ରାଜନୈତିକ ଦଳ ମାନଙ୍କୁ ୯୪୫ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ ଦେଇଛନ୍ତି । କେତେକ କମ୍ପାନୀ ନିମ୍ନ ମାନର ଔଷଧ ପ୍ରସ୍ତୁତକରି ବଜାରରେ ବିକ୍ରି କରିବା ଅପରାଧରୁ ମୁକ୍ତ ପାଇବାପାଇଁ ବିଜେପିକୁ ନିର୍ବାଚନୀ ବଣ୍ଡ ଜରିଆରେ ଚାନ୍ଦା ଦେଇଛନ୍ତି ।

ଆଉ ଗୋଟିଏ ବିଷୟରୁ ସରକାର ଓ ବହୁଜାତୀୟ ଔଷଧ କମ୍ପାନୀମାନଙ୍କ ମଧ୍ୟରେ ଅସାଧୁ ସଂପର୍କ କେତେ ନିବିଡ ତା' ବୁଝିହେବ । ୨୦୨୨ ମସିହାରେ ଦିଲ୍ଲୀ ମଦଦୁର୍ନୀତି ଅଭିଯୋଗରେ ଅରବିନ୍ଦ ଫାର୍ମାର ମାଲିକ ପି. ଶରତଚନ୍ଦ୍ର ରେଡ୍ଡି ଗିରଫ ହେବାର ୫ଦିନ ମଧ୍ୟରେ ହିଁ ସେ ବିଜେପିକୁ ୫କୋଟି ଟଙ୍କାର ନିର୍ବାଚନୀ ବଣ୍ଡ ପ୍ରଦାନ କରିଥିଲେ । ଏହାର ଅଳ୍ପଦିନ ପରେ ଶରତଚନ୍ଦ୍ର ଜେଲରୁ ମୁକୁଳିଲେ । ଏହାପରେ ବିଜେପିକୁ ବିପୁଳ ପରିମାଣର ଚାନ୍ଦା ଦେଇ ସେ ସରକାରୀ ସାକ୍ଷୀରେ ପରିଣତ ହେଲେ । ବର୍ତ୍ତମାନ ଏହି କମ୍ପାନୀ ପ୍ରସ୍ତୁତ କରୁଥିବା ଔଷଧର ମନଇଚ୍ଛା ଦରବୃଦ୍ଧି କରିବାପାଇଁ କମ୍ପାନୀ ସୁଯୋଗ ପାଇଛି । ଏହା ଏକ ଉଦାହରଣ ମାତ୍ର । ତେବେ ଏହାହିଁ ହେଉଛି ବର୍ତ୍ତମାନର ସାଧାରଣ ଭାବରେ ଗୃହୀତ ବ୍ୟବସ୍ଥା । ଏଥିରୁ ପୁରା ବିଷୟଟା ପାଠକମାନେ ଭଲଭାବରେ ବୁଝିପାରୁଥିବେ ।

ଦେଶରେ ପ୍ରତିଷ୍ଠିତ ପୁଞ୍ଜିବାଦୀ ବ୍ୟବସ୍ଥାରେ ସ୍ୱାସ୍ଥ୍ୟ ସେବାକୁ ଏକ ପଣ୍ୟ ଭାବରେ ବିଚାର କରାଯାଏ । ଏକ ସେବାକ୍ଷେତ୍ର ଭାବରେ ଦେଖାଯାଏ ନାହିଁ । ବାମ ଦକ୍ଷିଣ ନିର୍ବିଶେଷରେ ଦେଶର ଭୋଟ ସର୍ବସ୍ୱ ଦଳମାନେ ହେଉଛନ୍ତି ଏହି ବ୍ୟବସ୍ଥାର ରକ୍ଷକ । ଏହି ଦଳମାନଙ୍କ ଦ୍ୱାରା ପରିଚାଳିତ ସରକାରମାନେ ଶାସକ ଏକଚାଟିଆ ପୁଞ୍ଜିପତି ଶ୍ରେଣୀକୁ ସର୍ବାଧିକ ସମ୍ଭବ ମୁନାଫା ଲୁଟ୍‌ର ସୁଯୋଗ ଦେବାପାଇଁ ନୀତି ପ୍ରଣୟନ କରୁଛନ୍ତି । ସ୍ୱାସ୍ଥ୍ୟନୀତି ଓ ଔଷଧ ନୀତି ମଧ୍ୟ ଏହି ଆଭିମୁଖ୍ୟରୁହିଁ ନିର୍ଦ୍ଧାରିତ ହୁଏ । ଏହି ଦଳର ସରକାରମାନେ ଏକଚାଟିଆ ପୁଞ୍ଜିପତି ଶ୍ରେଣୀର ସ୍ୱାର୍ଥ ନିକଟରେ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ବଳି ପକାଇ ଦିଅନ୍ତି । ଏହାର ପ୍ରତିଦାନରେ ଏହି ଦଳ ଏକଚାଟିଆ କମ୍ପାନୀମାନଙ୍କଠାରୁ ବିପୁଳ ଚାନ୍ଦା ନେଇ ଭୋଟରେ ବାଜିମାତ କରନ୍ତି । ସେଥିପାଇଁ ସ୍ୱାସ୍ଥ୍ୟସେବା ଭଳି ଜନମଙ୍ଗଳକାରୀ କ୍ଷେତ୍ରରେ ଖର୍ଚ୍ଚକାଟ କରି ଏକଚାଟିଆ ପୁଞ୍ଜିପତିମାନଙ୍କ ଉଦରପୂର୍ତ୍ତି କରିବା ସରକାର ମାନଙ୍କର ଏକମାତ୍ର 'କର୍ତ୍ତବ୍ୟ'ରେ ପରିଣତ ହୋଇଛି । ଏହି 'କର୍ତ୍ତବ୍ୟ' ପାଳନ କ୍ଷେତ୍ରରେ କେନ୍ଦ୍ର ବିଜେପି ନେତୃତ୍ୱରେ ପରିଚାଳିତ ସରକାର ଅତୀତର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି ।

★ ★ ★

## ମେକ ଇନ୍ ଓଡିଶା . . .

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

କେଉଁଠାରେ ସୃଷ୍ଟି ହେଲା ତାହାର ସ୍ୱଷ୍ଟ ଚିତ୍ର ଦେଲା ନାହିଁ।

ଅନ୍ୟପଟରେ ଚଳିତ ବର୍ଷ ମାର୍ଚ୍ଚ ମାସରେ ଆନ୍ତର୍ଜାତିକ ଶ୍ରମ ସଂସ୍ଥା (International Labour Organisation, ILO)ଦ୍ୱାରା ପ୍ରକାଶିତ ଭାରତୀୟ ରୋଜଗାର ରିପୋର୍ଟ-୨୦୨୪ ମୁତାବକ, ଓଡିଶାରେ ବେରୋଜଗାରୀ ହାର ହେଉଛି ୩.୯ ପ୍ରତିଶତ, ଯାହା ଭାରତର ହାରାହାରୀ ବେରୋଜଗାରୀ ହାର ୩.୨ ପ୍ରତିଶତଠାରୁ ଅଧିକ। ଓଡିଶାର ଗ୍ରାମାଞ୍ଚଳରେ ଏହି ହାର ୩.୬ ପ୍ରତିଶତ ବେଳେ ସହରାଞ୍ଚଳରେ ଏହା ଅତ୍ୟନ୍ତ ଭୟାବହ ୬.୨ ପ୍ରତିଶତ। ଆଇଏଲ୍ଓ ଭାରତର ପ୍ରମୁଖ ୨୨ଟି ରାଜ୍ୟର ରୋଜଗାରର ସ୍ଥିତି ସଂପର୍କରେ ଯେଉଁ ସର୍ଭେ କରିଥିଲା, ସେଗୁଡିକ ମଧ୍ୟରେ ଓଡିଶାର ସ୍ଥାନ ସବୁଠାରୁ ତଳେ ରହିଛି। ସବୁଠାରୁ ମାରାତ୍ମକ ବିଷୟ ହେଉଛି ୨୦୦୫ ମସିହାରେ ଓଡିଶାର ରୋଜଗାରର ଯେଉଁ ସ୍ଥିତି ଥିଲା, ୨୦୨୨ ମସିହାରେ ଅର୍ଥାତ୍ ୧୭ବର୍ଷ ପରେ ମଧ୍ୟ ସେଥିରେ କୌଣସି ସୁଧାର ଆସିନାହିଁ। ୨୨ଟି ରାଜ୍ୟରେ ଏହି ରୋଜଗାର ସଂପର୍କିତ ତାଲିକାରେ ପୁରୁଷ ରୋଜଗାର କ୍ଷେତ୍ରରେ ଓଡିଶା ୨୨ତମ ସ୍ଥାନରେ ଥିଲାବେଳେ, ମହିଳା ରୋଜଗାର କ୍ଷେତ୍ରରେ ଏହାର ସ୍ଥାନ ୨୧। ଏ ସଂପର୍କରେ ବିଧାନସଭାରେ ଉତ୍ଥାପିତ ଏକ ପ୍ରଶ୍ନର ଉ ର ଦେଇ ରାଜ୍ୟ କୌଶଳ ବିକାଶ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କହିଥିଲେ ଯେ ୨୦୨୪ ମେ ମାସ ୩୧ତାରିଖ ମଧ୍ୟରେ ଓଡିଶାର ରୋଜଗାର ପଞ୍ଜିକରଣ ସଂସ୍ଥା(Employment Exchange)ରେ ୧୧ଲକ୍ଷରୁ ଅଧିକ ବେକାର ଯୁବକ-ଯୁବତୀ ନିଜର ନାମ ପଞ୍ଜିକୃତ କରାଇଥିଲେ। ଏସ୍‌ସି ଏସ୍‌ଟି ବର୍ଗର ଯୁବକ ଯୁବତୀ ମାନଙ୍କ ପାଇଁ ହୋଇଥିବା ଏକ ଭିନ୍ନ ପଞ୍ଜିକରଣରେ ପ୍ରାୟ ୧ ଲକ୍ଷ ୩୮ହଜାର ଯୁବକ ଯୁବତୀ ନିଜର ନାମ ପଞ୍ଜିକୃତ କରାଇଛନ୍ତି। ଏଥିରୁ ଓଡିଶାର ଯୁବପିଢି ମଧ୍ୟରେ ବେରୋଜଗାରୀର କରାଳ ଚିତ୍ରର କିଛି ଅଂଶ ଦେଖି ହେଉଛି।

ଏଠାରେ କହି ରଖିବା ଆବଶ୍ୟକ ଯେ ସହରାଂଚଳ ତୁଳନାରେ ଗ୍ରାମାଂଚଳରେ ରୋଜଗାରର ସ୍ଥିତି ଭଲ। ଏପରି ରିପୋର୍ଟ ଆସିବାର କାରଣ ହେଉଛି, ଗ୍ରାମଂଚଳରେ ପରିବାରର ପ୍ରତ୍ୟେକ ସଦସ୍ୟ ଚାଷବାସ ସହ ଯୁକ୍ତ ଥାଆନ୍ତି। ତେଣୁ ଚାଷବାସରେ ନିଯୁକ୍ତ ଯୁବ-ପୀଢିକୁ ବେକାର ବୋଲି ଧରାଯାଏ ନାହିଁ। କିନ୍ତୁ ଏଠାରେ ସ୍ୱଷ୍ଟ ହେବା ଆବଶ୍ୟକ ଯେ କୃଷି କାର୍ଯ୍ୟ ଗ୍ରାମଂଚଳରେ ଯୁବପୀଢିଙ୍କୁ ବର୍ଷ ତମାମ କାମ ଯୋଗାଇ ପାରୁ ନାହିଁ। ତେଣୁ ଗ୍ରାମାଂଚଳରେ ଯୁବପୀଢି କାମର ସନ୍ଧାନରେ ସାରା ଭାରତ ଘୁରି ବୁଲୁଛନ୍ତି। ସେ ପଶ୍ଚିମ ଓଡିଶାର ହେଉ କିମ୍ବା ଉପକୂଳବ ୀ କେନ୍ଦ୍ରପଡା, ଜଗତସିଂହପୁର, ଯାଜପୁର, ପୁରୀ ହେଉ। ଗାଁ ଗାଁ ଯୁବକ ଶୂନ୍ୟ ହୋଇଯାଉଛି। କି ମହିଳା, କି ଯୁବକ କାମର ସନ୍ଧାନରେ କାଶ୍ମୀରରୁ କନ୍ୟାକୁମାରୀ, ଗୁଜୁରାଟ, ମହାରାଷ୍ଟ୍ର, ବାଙ୍ଗାଲୋର ଘୁରି ବୁଲୁଛନ୍ତି। ବଡ ବଡ ସହରରେ ଅତ୍ୟନ୍ତ ଦୟନୀୟ ଭାବରେ ରାସ୍ତା ଉପରେ, ନଳା ଉପରେ ଝୋପଡିରେ ନହେଲେ ଛୋଟ ଛୋଟ ବଖରା ମଧ୍ୟରେ ୧୦ରୁ ୧୫ଜଣ କୌଣସି ପ୍ରକାର ଜୀବନ ନିର୍ବାହ କରୁଛନ୍ତି। ଲକ୍ଷ ଲକ୍ଷ ସଂଖ୍ୟାରେ ପୋକମାଛି ପରି ଟ୍ରେନ୍‌ର ଜେନେରାଲ ବଗିରେ ତା' ଉପରେ ତା'ଉପରେ ନଦାନଦି ହୋଇ ସାରା ବର୍ଷ କାମର ଅନ୍ୱେଷଣରେ ପେଟ ପାଇଁ ଘୁରି ବୁଲୁଛନ୍ତି। ଏହାହିଁ ହେଉଛି ଓଡିଶାର ରୋଜଗାରର ବିକଳ ଚିତ୍ର।

ଏଠାରେ ପ୍ରଶ୍ନ ଉଠୁଛି, ତେବେ ଏହି 'ମେକ ଇନ୍ ଓଡିଶା' ସମ୍ମିଳନୀର ଗତ ତିନୋଟି ସଂସ୍କରଣ, ଏହା ସହ ଜନସାଧାରଣଙ୍କ ଟିକସ ଅର୍ଥରେ ଦେଶ-ବିଦେଶରେ ହେଉଥିବା ଅସଂଖ୍ୟ ସମ୍ମିଳନୀ କ'ଣ ହାସଲ କରିଛି? ସେହି ଶ୍ରମ ବିଭାଗର ବଜେଟ୍ ରିପୋର୍ଟରୁ ଆହୁରି ଗୋଟିଏ ବିଷୟ ସ୍ୱଷ୍ଟ ହେଉଛି ଯେ ସରକାର ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସାଧାରଣ ଏବଂ ପଶୁବଳ ପ୍ରୟୋଗକରି ଜନତାଙ୍କଠାରୁ ପ୍ରତିନିୟତ ଜମି ଅଧିଗ୍ରହଣ କରୁଛନ୍ତି। ପୁଞ୍ଜିପତିମାନେ ଶିଳ୍ପ ପ୍ରତିଷ୍ଠା ନାମରେ ଶାଗମାଛ ମୂଲରେ ଏହି ଜମି ହାତେଇ ନେଉଛନ୍ତି ସତ କିନ୍ତୁ ସେଠାରେ ଶିଳ୍ପ ପ୍ରତିଷ୍ଠା ହେଉନାହିଁ। ଗତ ବିଜେଡି ସରକାର ଏହିପରି ଚ କତା କରି ବେଦାନ୍ତ କମ୍ପାନୀକୁ ପ୍ରାୟ ୬୦୦୦ ଏକର ଜମି ହସ୍ତାନ୍ତର କରିଥିଲେ। ଯାହା ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଦେଶ ପରେ ମଧ୍ୟ ଏହାର ମୂଳ ମାଲିକମାନେ ଫେରି ପାଇନାହାନ୍ତି। ସେହିପରି ଟାଟା କମ୍ପାନୀ ଗୋପାଳପୁର ପାଖରେ ଇସ୍ପାତ ଶିଳ୍ପ ପ୍ରତିଷ୍ଠାପାଇଁ ଗତ ପ୍ରାୟ ୩୦ବର୍ଷ ତଳେ ୩୦୦୦ଏକର ଜମି ହଡପ କରିଥିଲା। ସେଠାରେ ଇସ୍ପାତ ଶିଳ୍ପ ପ୍ରତିଷ୍ଠା କରୁନାହିଁ କିମ୍ବା ଏହି ଜମି ଏହାର ମୂଳ ମାଲିକ ଫେରିପାଉ ନାହାନ୍ତି। ଏହି ତାଲିକା ଖୁବ ଲମ୍ବା।

ଖଣିଜ ଦ୍ରବ୍ୟର ପ୍ରାଚୁର୍ଯ୍ୟରେ ଓଡିଶା ଭରପୁର ରହିଛି। ଏହି ଖଣି ଗୁଡିକୁ ହାତେଇ ନେଇ, ସେଥିରୁ ଉଭୟ ନିୟମ ଓ ବେନିୟମ ଉପାୟରେ ଖଣିଜ ଦ୍ରବ୍ୟ ଉେ ାଳନ କରି ଲକ୍ଷ ଲକ୍ଷ କୋଟିର ମୁନାଫା ଲୁଟ୍ କରିବାର ଅଭିସନ୍ଧି ପୁଞ୍ଜିପତିମାନଙ୍କର ରହିଛି। ପୂର୍ବରୁ ଥିବା ବିଜେଡି ସରକାର ହେଉ କି ବ ମାନର ବିଜେପି ସରକାର ହେଉ ଉଭୟ ପୁଞ୍ଜିପତିମାନଙ୍କ ଖଣିଜ ଦ୍ରବ୍ୟ ଲୁଣ୍ଠନ କରିବାର ରାସ୍ତାକୁ ହିଁ ପ୍ରଶସ୍ତ କରୁଛନ୍ତି। ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଉଭୟ ବିଜେପି ଓ ବିଜେଡି ଦଳ ଏହି ଖଣିଜ ଦ୍ରବ୍ୟ ଉେ ାଳନକାରୀ କମ୍ପାନୀମାନଙ୍କ ଠାରୁ ପାଇଥିବା ଶହ ଶହ କୋଟି ଟଙ୍କା ଏହାର ସାକ୍ଷ୍ୟ ବହନ କରେ। କିନ୍ତୁ ଏହି ପ୍ରକ୍ରିୟାରେ ଓଡିଶାବାସୀ ଦୁର୍ମୂଲ୍ୟ ଜଙ୍ଗଲ, ଜମି, ଖଣିଜ ପଦାର୍ଥ ସବୁକିଛି ହରାଉଛନ୍ତି। ଏହା ବଦଳରେ ନିଜେ ଉଦ୍‌ବାସ୍ତୁ ହୋଇ, ନିଜର ପାରମ୍ପରିକ ବୃ ି ହରାଇ ସହରର ଝୋପଡପଟିରେ ମୁଣ୍ଡ ଗୁଞ୍ଜିବାକୁ ବାଧ୍ୟ ହେଉଛନ୍ତି।

ଓଡିଶା ସରକାର ପ୍ରାୟ ବିନା ମୂଲ୍ୟରେ ଜମି, ଜଳ, ଖଣିଜ ପଦାର୍ଥ କମ୍ପାନୀମାନଙ୍କୁ ଯୋଗାଇ ଦେଉଛନ୍ତି, ଉତ୍ପାଦନ ଶୁଳ୍କ ସମେତ ନାନା ପ୍ରକାର କର ଖଜଣା ଛାଡ କରୁଛନ୍ତି। ସରକାରୀ ଖର୍ଚ୍ଚରେ ଭି ିଭୂମି, ରାସ୍ତାଘାଟ, ରେଳଲାଇନ, ବନ୍ଦର, ଉପଲବ୍ଧ କରାଉଛନ୍ତି। ତେଣୁ ସାଧାରଣରେ ପ୍ରଶ୍ନ ଆସିବା ସ୍ୱାଭାବିକ ଯେ, ଏତେ ସୁବିଧା ସୁଯୋଗ ଦେଲାପରେ ମଧ୍ୟ ଓଡିଶାରେ ଶ୍ରମ ଭି ିକ, ଉତ୍ପାଦନ ଭି ିକ ଶିଳ୍ପ ଗଢିଉଠୁନାହିଁ କାହିଁକି? ଏହାର ଉ ର ବ ମାନର ପ୍ରଚଳିତ ପୁଞ୍ଜିବାଦୀ ଅର୍ଥନୀତି ମଧ୍ୟରେ ହିଁ ନିହିତ ରହିଛି। ଏହି ଅର୍ଥନୀତିର ନିଜସ୍ୱ ନିୟମରେ ହିଁ ସର୍ବୋଚ୍ଚ ମୁନାଫା ଅର୍ଜନ କରିବାପାଇଁ ପୁଞ୍ଜିପତିମାନେ ଶ୍ରମଜୀବୀ ମଣିଷକୁ ତା'ର ପ୍ରକୃତ ପ୍ରାପ୍ୟରୁ ବଂଚିତ କରୁଛନ୍ତି। ତେଣୁ ସାଧାରଣ ଲୋକଙ୍କର କ୍ରୟ କ୍ଷମତା ପ୍ରତିନିୟତ କମିବାକୁ ଲାଗିଛି, ଆବଶ୍ୟକତା ଥିଲେ ମଧ୍ୟ ସାଧାରଣ ମଣିଷ ବଜାରରୁ ଜିନିଷ କିଣି ପାରୁନାହିଁ ସେଥିପାଇଁ ଉତ୍ପାଦିତ ଦ୍ରବ୍ୟ ଗଚ୍ଛିତ ହେବାରେ ଲାଗିଛି। ଏହାକୁ ହିଁ କୁହାଯାଏ ବଜାର ସଂକଟ ବା ବଜାର ମାନ୍ଦା ଅବସ୍ଥା। ଏଥିରୁ ସ୍ୱଷ୍ଟ ହେଉଛି ଯେ ସାରା ବିଶ୍ୱ ଯେତେବେଳେ ଏଓଳି ସେଓଳି ଉତ୍କଟ ବଜାର ସଂକଟରେ ନିମଜ୍ଜିତ ଅର୍ଥାତ ଉତ୍ପାଦିତ ସାମଗ୍ରୀ ବିକ୍ରି ହେଉନାହିଁ, ସେତେବଳେ ନୂତନ ଶିଳ୍ପ ପ୍ରତିଷ୍ଠା ହେବା ସମ୍ଭବ ନୁହେଁ। ତେଣୁ ଏହି ପୁଞ୍ଜିର ପାହାଡ ଯାହା ମୁଷ୍ଟିମେୟ ମାଲିକମାନଙ୍କ ହାତରେ ଠୁଳ ହୋଇଛି ତା' ସର୍ବୋଚ୍ଚ ମୁନାଫା ପାଇଁ ଫଟକା ବଜାରରେ, ସୁଧ ବଜାରରେ, ଖୁଚୁରା ବେପାରରେ ନଚେତ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଭଳି ସେବା କ୍ଷେତ୍ରରେ(Service Sector) ଖଟୁଛି ସିନା କିନ୍ତୁ ନୂତନ ଉତ୍ପାଦନ କ୍ଷେତ୍ରରେ ବିନିଯୋଗ ହେଉନାହିଁ। ଅନ୍ୟପଟରେ ଯେଉଁ ଶିଳ୍ପଗୁଡିକ କାର୍ଯ୍ୟକାରୀ ଅଛି ସେଠାରେ ବ୍ୟାପକ ଅଟୋମେସନ୍, କମ୍ପୁଟରୀକରଣ, ଏବଂ କୃତ୍ରିମ ବୁଦ୍ଧିମତା(AI)ର ପ୍ରୟୋଗ ଫଳରେ ଛଟେଇ ହେଉଛି, ଚାକିରୀ ବିଲୋପ ହେଉଛି ସିନା ନୂଆ ଚାକିରୀ ସୃଷ୍ଟି ହେଉନାହିଁ। ମଣିଷ ଯେତିକି କର୍ମସଂସ୍ଥାନ ହରାଉଛି, ତାର କ୍ରୟ କ୍ଷମତା ସେତିକି କମୁଛି ଏବଂ ବଜାର ସଂକଟ ଆହୁରି ତୀବ୍ର ରୂପ ନେଉଛି, ତେଣୁ ଏହି ପୁଞ୍ଜିବାଦୀ ଅର୍ଥନୀତି ତା'ର ନିଜର ନିୟମରେ ହିଁ ନିଜର କବର ନିଜେ ଖୋଳୁଛି।

ଏହିପରି ପରିସ୍ଥିତିରେ ବ ମାନର ବିଜେପି ସରକାର ପୂର୍ବ ବିଜେଡି ସରକାର ଭଳି ଯେତେ ପୁଞ୍ଜିପତିମାନଙ୍କର ସମ୍ମିଳନୀ କରୁ ବା "ମେକ୍ ଇନ୍ ଓଡିଶା" କନ୍‌କ୍ଲେଭର ଅନୁଷ୍ଠିତ କରୁ ଏହା ସାଧାରଣ ଓଡିଶାବାସୀଙ୍କୁ କର୍ମସଂସ୍ଥାନ ଯୋଗାଇ ପାରିବ ନାହିଁ। ବରଂ ଏହାର ଚାକଚକ୍ୟରେ ପରିରାଇଜର ସ୍ୱପ୍ନ ଦେଖାଇ ସାଧାରଣ ମଣିଷଙ୍କୁ ଅଳ୍ପ କିଛି ସମୟ ପାଇଁ ଭୁଆଁ ବୁଲାଇବାର ଚେଷ୍ଟା ହିଁ କରାଯାଉଛି। ଆମେ ବୁଝି ରଖିବା ଆବଶ୍ୟକ ଯେ ପ୍ରତ୍ୟେକ ମଣିଷର ହାତକୁ ମର୍ଯ୍ୟାଦାଜନକ କାମ କରିବାର ସୁଯୋଗ ଯୋଗାଇ ଦେବାକୁ ହେଲେ, ପ୍ରଚଳିତ ପୁଞ୍ଜିବାଦୀ ବ୍ୟବସ୍ଥାର ପରିବ ନ କରି ସମାଜବାଦୀ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ପଡିବ। ଏହାର ଅର୍ଥ ସମସ୍ତ ଉତ୍ପାଦନ ଯନ୍ତ୍ର ଉପରେ ବ୍ୟକ୍ତିଗତ ମାଲିକାନା ପରିବର୍ତ୍ତେ ସାମାଜିକ ମାଲିକାନା ପ୍ରତିଷ୍ଠା କରିବାକୁ ହେବ। ଯେଉଁଠାରେ ମଣିଷର ଆବଶ୍ୟକତା ପୂରଣ କରିବା ହିଁ ହେବ ଉତ୍ପାଦନର ଏକ ମାତ୍ର ଲକ୍ଷ୍ୟ, ମୁନାଫା ଅର୍ଜନ ନୁହେଁ। ଏହି ଅର୍ଥନୀତିର ଭି ିରେ ନୂଆ ସମାଜ ପ୍ରତିଷ୍ଠା ହେଲେ ହିଁ ଉତ୍ପାଦନ ଯନ୍ତ୍ରର ଦୃତ ବିକାଶ ହୋଇପାରିବ ଏବଂ ସମସ୍ତ ମଣିଷ ତାର ଯୋଗ୍ୟତା ଅନୁଯାୟୀ ସମ୍ମାନର ସହ କାମ କରିପାରିବ। ତେଣୁ ଆସନ୍ତୁ ସେଇ ନୂଆ ସମାଜବାଦୀ ସମାଜ ଗଠନ କରିବା ପାଇଁ ସଂକଳ୍ପ ନେଇ ନିଜକୁ ସଂଘବଦ୍ଧ କରିବା ଏବଂ ପୁଞ୍ଜିବାଦୀ ବ୍ୟବସ୍ଥାର ସେବାକାରୀ ସରକାରମାନେ ମାରୁଥିବା ଧୂଆଁବାଣର ଅସଲ ଗୁମରକୁ ଉଜାଗର କରିବା।

★ ★ ★

# ଧାନର ଅଭାବୀ ବିକ୍ରି : କେନ୍ଦ୍ର ସରକାରଙ୍କ ଏମ୍‌ଏସ୍‌ପି ଓ ରାଜ୍ୟ ସରକାରଙ୍କ ବୋନସ

ଐତିହାସିକ ଦିଲ୍ଲୀ କୃଷକ ଆନ୍ଦୋଳନ, ନଭେମ୍ବର ୨୦୨୦ରୁ ଡିସେମ୍ବର ୨୦୨୧- ଦୀର୍ଘ ୧୩ ମାସ ଧରି ଚାଲିବା ପରେ କେନ୍ଦ୍ର ବିଜେପି ସରକାର ୩ଟି କଳା କୃଷି ଆଇନକୁ ସଂସଦରେ ରଦ୍ଦ କରିବାପାଇଁ ବାଧ୍ୟ ହୋଇଥିଲେ। ଏହି ସୁଦୀର୍ଘ ଆନ୍ଦୋଳନରେ ୭୩୫ଜଣ କୃଷକ ଶହୀଦ ହୋଇଥିଲେ। ଏଥିରେ କୃଷକମାନଙ୍କ ବିଜୟ ହେଲା। ଆଉ କେତେକ ଦାବି ମଧ୍ୟରୁ ସରକାର ସମସ୍ତ କୃଷିଜାତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟର ଆଇନଗତ ଗ୍ୟାରେ ି ଦେବା ପାଇଁ ପ୍ରତିଶୃତି ଦେଇଥିଲେ। ମାତ୍ର ଅଦ୍ୟାବଧି ତାହା ପୂରଣ ହୋଇନାହିଁ। ଏହି ଦାବି ନେଇ ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ ଦେଶବ୍ୟାପୀ ଆନ୍ଦୋଳନ ଚାଲୁ ରହିଛି। ଚଳିତ ବର୍ଷ କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧କୁଇ ାଲ ପିଛା ୨୩୦୦ଟଙ୍କା ଦେବେ ବୋଲି ଘୋଷଣା କରିଛନ୍ତି। ରାଜ୍ୟ ବିଜେପି ସରକାର ୧କୁଇ ାଲ ଧାନ ଉପରେ ଉକ୍ତ ୨୩୦୦ଟଙ୍କା ସହ ୮୦୦ଟଙ୍କା ବୋନସ ମିଶାଇ ୩୧୦୦ଟଙ୍କା ଦେବେ ବୋଲି ଗତ ବିଧାନସଭା ନିର୍ବାଚନ ସମୟରେ ପ୍ରତିଶୃତି ଦେଇଛନ୍ତି। କିଛିଦିନ ତଳେ ରାଜ୍ୟ କୃଷି ମନ୍ତ୍ରୀ କହିଛନ୍ତି ଯେ, ମଣ୍ଡିରେ ଧାନର ଏଫ୍‌ଏକ୍ୟୁ ଅର୍ଥାତ୍ ଫେୟାର ଆଭରେଜ କ୍ୱାଲିଟିକୁ(Fair Avarage Quality) ଗ୍ରେନ କ୍ୱାଲିଟି ଆନାଲାଇଜର ମେସିନରେ ଯାଞ୍ଚ କରାଯାଇ ଧାନର ଗୁଣବ । ପରୀକ୍ଷା କରାଯିବ। ମେସିନରେ ଯାଞ୍ଚ ପରେ ଯଦି ଧାନର ଗୁଣମାନ ଠିକ ଥାଏ ତେବେ ସେହି ଧାନକୁ କୁଇଣ୍ଟାଲ ପିଛା ୩୧୦୦ଟଙ୍କା ଦାମରେ କିଣାଯିବ। ଧାନର ଗୁଣମାନ ଠିକ ନଥିଲେ ମିଲ୍ ମାଲିକ ମାନେ ତାହା ନେବେ ନାହିଁ। ପୂର୍ବ ବର୍ଷ ଗୁଡିକରେ ମଣ୍ଡିରେ କୁଇ ାଲ ପିଛା ୪/୫ କେଜି କଟନି ଛଟନି କରାଯାଇ ନିର୍ଦ୍ଧାରିତ ଏମ୍‌ଏସ୍‌ପି ବା ସର୍ବନିମ୍ନ ସହାୟକ ମୂଲ୍ୟରେ କିଣା ଯାଉଥିଲା। ଏବେ ସରକାରୀ ଘୋଷଣା ଅନୁଯାୟୀ କଟନି ଛଟନି ହେବ ନାହିଁ କିନ୍ତୁ ମେସିନରେ ଯା  କରାଯାଇ ଧାନର ଗୁଣବ । ପରୀକ୍ଷା କରାଯିବ। ତେଣୁ ଯାହା ଆକଳନ କରାଯାଉଛି ପୁରା ଦାନାଥିବା ଓ ପାକଳ ହୋଇଥିବା ଧାନକୁ ବାଛି ମେସିନ ଅଲଗା ରଖିବ ଅଧାଥିବା ଦାନା ଧାନକୁ ବାଦ କରିଦେବ। ସତୁରାଂ ୧ କୁଇ ାଲ ଧାନରୁ ୧ନଂ ଦାନା ଥିବା ଧାନ ଆନୁମାନିକ ୬୫/୭୦ କେଜି ବାହାରିବା କଷ୍ଟକର। ଖରାପ ମୌସୁମୀ, ବର୍ଷା-ପବନ ମଧ୍ୟରେ ଏ ଭଳି ଏକ ନମ୍ବର ଧାନ ମିଳିବା ସହଜ ନୁହେଁ।

ମନ୍ତ୍ରୀଙ୍କ କଥା ଅନୁସାରେ ଏକ ନମ୍ବର ଧାନକୁ ମିଲର ମାନେ ଗ୍ରହଣ କରିବେ ଓ କୁଇ ାଲ ୩୧୦୦ଟଙ୍କା ମୂଲ୍ୟରେ କିଣିବେ। ଏହାଦ୍ୱାରା ଚାଷୀ ଅଧିକ କ'ଣ ଲାଭ ପାଇବ? ଏପରିକି କେନ୍ଦ୍ର ସରକାର ଘୋଷଣା କରିଥିବା ଧାନ କୁଇ ାଲ ପିଛା ୨୩୦୦ଟଙ୍କା ମଧ୍ୟ ପାଇବ ନାହିଁ। ଚାଷୀମାନେ ଧାନକୁ ମେସିନରେ ଅମଳ କରି ବିଦ୍ୟୁତ ଚାଳିତ ପଙ୍ଖା ଲଗାଇ ଉଡାଇ ଥାଆନ୍ତି ଓ ସଫା ସୁତୁରା କରି ତାହାକୁ ମଣ୍ଡିକୁ ଆଣନ୍ତି। ସେଥିପାଇଁ ଗାଡି ଭଡା, ୨/୩ଜଣ ମୂଲିଆଙ୍କ ମଜୁରୀ ଦେଇ ୨/୩ଦିନ ପଡିରହି ମଣ୍ଡିରେ ଧାନ ଦିଅନ୍ତି। ତା' ସେ୍ୱ ଯଦି ମେସିନରେ ଧାନର ଗୁଣବ । ଯା  କରାଯାଇ ୨୫/୩୦ କେଜି ଧାନ ବାଦ କରିଦିଆଯାଏ ତା'ହେଲେ ଚାଷୀ ପାଇବ କ'ଣ? ଏହା ଚାଷୀମାନଙ୍କ ପ୍ରତି ଚରମ ପ୍ରତାରଣା ଛଡା କ'ଣ ହୋଇପାରେ?

ଧାନ ମଣ୍ଡିରେ ଆଣି ବିକ୍ରି କରିବାକୁ ହେଲେ ଚାଷୀମାନଙ୍କୁ ଅନଲାଇନ ରେଜିଷ୍ଟ୍ରେସନ କରିବାକୁ ପଡେ। ଯେଉଁ ଚାଷୀମାନଙ୍କର ବ୍ୟାଙ୍କରେ ଜମା ଖାତା ଥିବ, ଜମିର ପଟ୍ଟା ଓ କିଷାନ କ୍ରେଡିଟ କାର୍ଡଥିବ ସେମାନେ ହିଁ ଅନଲାଇନ ରେଜିଷ୍ଟ୍ରେସନ କରିପାରିବେ। ତାହା ମଧ୍ୟ ଅଗଷ୍ଟ ମାସ ମଧ୍ୟରେ କରିବାକୁ ହେବ। ସେହି ସୀମିତ ସମୟ ପାର ହେଲେ ଆଉ ରେଜିଷ୍ଟ୍ରେସନ ହୋଇପାରେ ନାହିଁ। ଧାନ ଅମଳବେଳେ ଚାଷୀଙ୍କ ନାମରେ ଟୋକନ ଆସେ, ସେହି ଟୋକନ ଦେଖାଇ ମଣ୍ଡିରେ ଧାନ ବିକ୍ରି କରାଯାଏ। ଅନେକ ଚାଷୀ ଟୋକନ ପାଇ ମଧ୍ୟ ଧାନ ବିକ୍ରି କରିପାରନ୍ତି ନାହିଁ। ଆମ ରାଜ୍ୟରେ ପ୍ରାୟ ୪୦ ପ୍ରତିଶତ ଚାଷୀ ରେଜିଷ୍ଟ୍ରେସନ କରିବାକୁ ସମର୍ଥ ହୁଅନ୍ତି ବାକି ୬୦ଭାଗ ଚାଷୀ ବେପାରୀମାନଙ୍କ ଚକ୍କରରେ ପଡି ବାଧ୍ୟ ହୋଇ ଧାନ କୁଇ ାଲ ପିଛା ୧୨୦୦ରୁ ୧୬୦୦ଟଙ୍କା ରେଟରେ ବିକ୍ରି କରନ୍ତି। ଏହାଦ୍ୱାରା ଚାଷୀମାନେ ୭୦୦ଟଙ୍କାରୁ ୧୧୦୦ଟଙ୍କା କୁଇ ାଲ ପିଛା କ୍ଷତି ସହନ୍ତି। ଯେଉଁ ୪୦ଭାଗ ଚାଷୀ ମଣ୍ଡିରେ ଧାନ ବିକ୍ରି କରନ୍ତି ସେମାନେ ସରକାର ଧାର୍ଯ୍ୟ କରିଥିବା ସିଲିଂ ସୀମା ଅର୍ଥାତ୍ ୬୦/୬୫ କୁଇ ାଲରୁ ଅଧିକ ବିକି ପାରିବେ ନାହିଁ। ଚାଷୀର ଖର୍ଚ୍ଚ ଯେଭଳି ବଢି ଚାଲିଛି ସେଠି ଚାଷୀ ଯଦି ଫସଲର ଉଚିତ ମୂଲ୍ୟ ନ ପାଏ ତେବେ ଚାଷୀମାନଙ୍କ ଅବସ୍ଥା ଶୋଚନୀୟ ହେବ। ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ(ଏଆଇକେକେଏମ୍‌ଏସ୍) ପକ୍ଷରୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟର ଆଇନଗତ ଗ୍ୟାରେ ି ଦାବିରେ ଦେଶବ୍ୟାପୀ ଚାଷୀ ଆନ୍ଦୋଳନ କରାଯାଉଛି। ସମସ୍ତ ଚାଷୀ ମୂଲିଆ ତଥା ଭାଗ ଚାଷୀମାନେ ସାମିଲ ହୋଇ ଏହି ଆନ୍ଦୋଳନକୁ ଶକ୍ତିଶାଳୀ କରିବାକୁ ଆଗେଇ ଆସିବାକୁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି।

Regd.No-ORI ORI/2011/37220 • VOL.NO. 11, ISSUE NO. 17 • ମୂଲ୍ୟ-୫ଟଙ୍କା

# ପ୍ରଥମେ ଚକବନ୍ଦୀ ରେକର୍ଡ ଉଚ୍ଛେଦ ପରେ ଜମି ଅଧିଗ୍ରହଣ ଦାବିରେ ଚାଷୀ ସୁରକ୍ଷା କମିଟିର ବିକ୍ଷୋଭ




ପ୍ରଥମେ ଚକବନ୍ଦୀ ରେକର୍ଡ ଉଚ୍ଛେଦ ଓ ପରେ ରେଳ ବିଭାଗ ଦ୍ୱାରା ଜମି ଅଧିଗ୍ରହଣ ଏବଂ ଚକଭୁକ୍ତ ମୌଜାର ଜମିର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ତହସିଲର ସର୍ବାଧିକ ମୂଲ୍ୟରେ ବିକ୍ରୟ ଜମିକୁ ଆଧାର ଭାବରେ ଗ୍ରହଣ କରାଯାଇ କ୍ଷତିପୂରଣ ପ୍ରଦାନ ଦାବିରେ ଅନୁଗୁଳ ଜିଲ୍ଲା ଚାଷୀ ସୁରକ୍ଷା କମିଟି ନେତୃତ୍ୱରେ ଏକ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଓ ମହିଳା ଅନୁଗୁଳ ଜଗନ୍ନାଥ ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ପହଂଚି ଚାଷୀ ସୁରକ୍ଷା କମିଟିର ସଭାପତି ଶ୍ରୀ ପ୍ରଦୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସେଠାରେ କମିଟିର ସଭ୍ୟ ବ୍ରଜବନ୍ଧୁ ସାହୁ, ତରୁଣ ଦେହୁରୀ, ଦୁର୍ଗାଚରଣ ପ୍ରଧାନ, ଦିବାକର ମହାଳିକ, କୃଷକ ନେତା ତଥା ଏଆଇକେକେଏମ୍ଏସ୍ର ରାଜ୍ୟ ସଂପାଦକ ରଘୁନାଥ ଦାସ ବକ୍ତବ୍ୟରଖି ଦାବି ହାସଲ ପର୍ଯ୍ୟନ୍ତ ଐକ୍ୟବଦ୍ଧ ହୋଇ ଦୀର୍ଘସ୍ଥାୟୀ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ସରକାର ଅନୁଗୁଳ ଜିଲ୍ଲାର ୯୨ଖଣ୍ଡ ଗ୍ରାମକୁ କାଗଜରେ ଚକ ରେକର୍ଡ କରିଥିଲେ ମଧ କୌଣସି ପ୍ରଜା ଚକ ଦଖଲ ପାଇନାହାନ୍ତି। ପୂର୍ବଭଳି ଶାବକରେ ଅଛନ୍ତି। ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ମାଧ୍ୟମରେ ସରକାର ଓ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିଲେ ମଧ ଏହି ସମସ୍ୟାର ସମାଧାନ କରିବା ପାଇଁ କୌଣସି ବାସ୍ତବ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଚକ ରେକର୍ଡ ଥିବାରୁ ଆଜି ପର୍ଯ୍ୟନ୍ତ ଜମିର ପ୍ରକୃତ ମୂଲ୍ୟ ନିର୍ଦ୍ଧାରଣ ହୋଇପାରିନାହିଁ। ଏହିଭଳି ପରିସ୍ଥିତିରେ କ୍ଷତିପୂରଣ ପ୍ରଦାନ ପାଇଁ ତହସିଲର ସର୍ବାଧିକ ମୂଲ୍ୟରେ କ୍ରୟ ବିକ୍ରୟ ହୋଇଥିବା ଜମିର ଦରକୁ ଭି କରି କ୍ଷତିପୂରଣ ପ୍ରଦାନ କରିବାକୁ ଦୃଢଦାବି କରାଯାଇଛି। ସଭାସ୍ଥଳରୁ କମିଟିର ସଭାପତି ପ୍ରଦୀପ କୁମାର ପ୍ରଧାନ ଓ ସଂପାଦକ ହେମନ୍ତ କୁମାର ଦାସ, କାଳିଚରଣ ପ୍ରଧାନ, ରବିନ୍ଦ୍ର ସାହୁ, ଅଭୟ ଧର, ସଞ୍ଜୟ ସାହୁ ପ୍ରମୁଖଙ୍କୁ ନେଇ ଗଠିତ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲା।

# ବାତ୍ୟା କ୍ଷତିଗ୍ରସ୍ତ ମାନଙ୍କୁ ଉପଯୁକ୍ତ ସହାୟତା ଦାବିରେ କପ୍ତିପଦାଠାରେ ବିକ୍ଷୋଭ




ବାତ୍ୟା 'ଦାନା' ପ୍ରଭାବରେ କ୍ଷତିଗ୍ରସ୍ତ ଜନସାଧାରଣ ଙ୍କୁ ଉପଯୁକ୍ତ ସହାୟତା ଯୋଗାଇଦେବା ଓ ଅନ୍ୟାନ୍ୟ ଦାବିରେ ଏସ୍ ୟୁ ସି ଆଇ (କମ୍ୟୁନିଷ୍ଟ) ପକ୍ଷରୁ ଅକ୍ଟୋବର ୨୮ ତାରିଖରେ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ବ୍ଲକ୍ ଅଫିସ ସମ୍ମୁଖରେ ୧୧ ଦଫା ଦାବି ଉପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ସ୍ଥଳରେ କପ୍ତିପଦା ଆଂଚଳିକ କମିଟିର ସମ୍ପାଦକ କମ୍ରେଡ ଶ୍ୟାମ ବାନରା, ଆଂଚଳିକ କମିଟି ସଭ୍ୟ ବାଙ୍ଗାରା ଉଗ୍ରସେଣି ବକ୍ତବ୍ୟ ରଖିଥିଲେ। ଏସ୍ୟୁସିଆଇ(କମ୍ୟୁନିଷ୍ଟ) ମୟୂରଭଞ୍ଜ ଜିଲ୍ଲା କମିଟି ସମ୍ପାଦକ ତଥା ରାଜ୍ୟ କମିଟି ସଭ୍ୟ କମ୍ରେଡ ସାଦ ଚରଣ ବଦ୍ରା ସଭା ପରିଚାଳନା କରିଥିଲେ। ଆଂଚଳିକ କମିଟି ସଭ୍ୟ କମ୍ରେଡ ଉଦୟ ସାମାଡ, ଯୁବରାଜ ସାମାଡ, ଶାନ୍ତି ଚାକିଏ, ସମା ସମରାଇ, ସାତାରି ଚାକିଏ, ସୁଦିଆ ସିଂ, ଯମୁନା ସାମାଡ, ମିଞ୍ଜାରୀ ଦେଓଗାମ,ପାଆ ସିଂ ଡାଙ୍ଗିଲ, ଭାଗବତ ସିଂ, କାୟା ପୂ ା ଓ ସାଧୁ ଖୁ ିଆ ବିକ୍ଷୋଭରେ ସହଯୋଗ କରିଥିଲେ।

# ରାଉରକେଲାଠାରେ କମ୍ରେଡ ବିଶ୍ୱନାଥ ବଳଙ୍କ ସ୍ମୃତି ସଭା




ଏସ୍ୟୁସିଆଇ(କମ୍ୟୁନିଷ୍ଟ) ସୁନ୍ଦରଗଡ ଜିଲ୍ଲା କମିଟିର ପ୍ରବୀଣ ସଦସ୍ୟ ତଥା ପ୍ରଗତିଶୀଳ ବିଚାରଧାରାର ବାମପନ୍ଥୀ କବି କମ୍ରେଡ଼ ବିଶ୍ୱନାଥ ବଳଙ୍କ ସ୍ମୃତି ସଭା ରାଉରକେଲା ସେକ୍ଟର ୫ ସ୍ଥିତ କଲଚରାଲ ଏକାଡେମୀ ହଲରେ ଅକ୍ଟୋବର ୨୧ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ସମ୍ପାଦକ ତଥା କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ଼ ଶଙ୍କର ଦାସଗୁପ୍ତ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କମ୍ରେଡ ବଳଙ୍କ ପ୍ରତି ବିପ୍ଲବୀ ଶ୍ରଦ୍ଧା ଜ୍ଞାପନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ବିଷ୍ଣୁ ଦାସ, କଲଚରାଲ୍ ଏକାଡେମୀର ସଭାପତି ଶ୍ରୀଯୁକ୍ତ ପଶୁପତିନାଥ ଚାଟାର୍ଜୀ, ପୂର୍ବତନ ସମ୍ପାଦକ ଶ୍ରୀଯୁକ୍ତ ଅକ୍ଷୟ ସାମଲ, ଗଣ ସାଂସ୍କୃତିକ ମଂଚ ପକ୍ଷରୁ ଗଗନ ବିହାରୀ ଧଳ, ବିଶିଷ୍ଟ ଲେଖକ ଶ୍ରୀଯୁକ୍ତ ଭୂପେନ୍ ମହାପାତ୍ର, କବି ବଳରାମ ରାଉଳ ପ୍ରମୁଖ କମ୍ରେଡ ବଳଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ପାର୍ଟି ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟ କମ୍ରେଡ ଛବି ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତି ସଭାରେ ରାଜ୍ୟ ସମ୍ପାଦକ ମଣ୍ଡଳୀର ଅନ୍ୟତମ ସଦସ୍ୟ କମ୍ରେଡ ସ୍ୱୟଂପ୍ରଭା ନାୟକ, ସୁନ୍ଦରଗଡ଼ ଜିଲ୍ଲା ସମ୍ପାଦକ କମ୍ରେଡ ଅଜିତ ନାୟକ, ଜିଲ୍ଲା କମିଟିର ବରିଷ୍ଠ ସଦସ୍ୟ କମ୍ରେଡ ସତ୍ୟପ୍ରିୟ ମହାନ୍ତି, ଅନ୍ୟତମ ସଦସ୍ୟ ବୃନ୍ଦ କମ୍ରେଡ ଶ୍ରୀନିବାସ ସେଠୀ, ବିଷ୍ଣୁ ପଣ୍ଡା, ବିଦ୍ୟୁତ୍ ମହାନ୍ତ, କିନୁ ଲୋହାର, ଲିଓନି ତିର୍କୀ ପ୍ରମୁଖ ମାଲ୍ୟାର୍ପଣ କରି କମ୍ରେଡ ବଳଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ବନମାଳୀ କର ଓ ପ୍ରୟାତ କମ୍ରେଡ ବଳଙ୍କ ପରିବାରର ସଦସ୍ୟ ମାନେ ମଧ ମାଲ୍ୟାର୍ପଣ କରିଥିଲେ। ଶିକ୍ଷା ବଂଚାଅ କମିଟି ପକ୍ଷରୁ ଶ୍ରୀଯୁକ୍ତ ପୀତବାସ ପ୍ରଧାନ, ଅଶୋକ ଶୁକ୍ଳା, ଶରତ ପାତ୍ରଙ୍କ ସମେତ ଡକ୍ଟର କୃପାସିନ୍ଧୁ ନାୟକ, ଡକ୍ଟର ପ୍ରଭାତ ମଲ୍ଲିକ, ଡକ୍ଟର ନଗେନ୍ ଦାସ, ଶ୍ରୀଯୁକ୍ତ ଆ ତ୍ରାଣ ମହାପାତ୍ର ପ୍ରମୁଖ ସହରର ବହୁ ବିଶିଷ୍ଟ ବୁଦ୍ଧିଜୀବୀ ତଥା ଦଳର କର୍ମୀ, ସମର୍ଥକ ଏହି ସ୍ମୃତି ସଭାରେ ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ପାଢ଼ୀ, ଆଲୋକ ବୋଷ, ବଳରାମ ରାଉଳ, ଧୋବେଇ ବେହେରା ପ୍ରମୁଖ ପ୍ରୟାତ କମ୍ରେଡ଼ ବିଶ୍ୱନାଥ ବଳଙ୍କ ସ୍ମୃତିରେ ସ୍ୱଲିଖିତ କବିତା ମାନ ପାଠକରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କମ୍ରେଡ଼ ଶିବଦାସ ଘୋଷଙ୍କ ଉପରେ ରଚିତ ସଙ୍ଗୀତ ଓ ଆନ୍ତର୍ଜାତିକ ସଙ୍ଗୀତ ପରିବେଷଣ ପରେ ସଭାକାର୍ଯ୍ୟ ସମାପ୍ତ ହୋଇଥିଲା।

# କମସୋମଲ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ଆଲୋଚନା ଚକ୍ର




କମସୋମଲ ଯାଜପୁର ଜିଲ୍ଲା ସାଂଗଠନିକ କମିଟି ଉଦ୍ୟୋଗରେ ମହାନ ମାନବତାବାଦୀ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଦଶରଥପୁର ବ୍ଲକର ଗରଡିହ ଠାରେ ଅବସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପ୍ରାଙ୍ଗଣରେ ଏକ ଦିନିକିଆ ଆଲୋଚନା ଚକ୍ର କମସୋମଲ ଯାଜପୁର ଜିଲ୍ଲା ଇନଚାର୍ଜ କମ୍ରେଡ ସୁବାଷ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଥିଲେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟିର ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ଅଶୋକ ମିଶ୍ର। ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ କିଶୋର କିଶୋରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ କମସୋମଲର ଜିଲ୍ଲା ସଂଗଠକ କମ୍ରେଡ ଶରତ ବାରିକ ଓ ଅନ୍ୟମାନଙ୍କ ମଧ୍ୟରେ ମଧୁସୂଦନ ସେଠୀ, ରାଜକିଶୋର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।


## ଶ୍ରମଜୀବୀ ଜନସାଧାରଣଙ୍କ ଶକ୍ତିଶାଳୀ ଐକ୍ୟବଦ୍ଧ ଆନ୍ଦୋଳନ ଗଢିତୋଳିବା ପାଇଁ



## ଏ.ଆଇ.ୟୁ.ଟି.ୟୁ.ସିର ୨୨ତମ ସର୍ବଭାରତୀୟ ସମ୍ମିଳନୀ

୧୫ ଡ଼ିସେମ୍ବର ଅପରାହ୍ନ ୧ଟା
ଖୋଲା ଅଧିବେଶନ

୧୫ ଡ଼ିସେମ୍ବର ସନ୍ଧ୍ୟା - ୬.୩୦
ଉଦ୍‌ଘାଟନୀ ଅଧିବେଶନ

୧୬ ଓ ୧୭ ଡ଼ିସେମ୍ବର
ପ୍ରତିନିଧି ଅଧିବେଶନ

୧୭ ଡ଼ିସେମ୍ବର ଅପରାହ୍ନ ୩.୩୦
ଉଦ୍‌ଯାପନୀ ଅଧିବେଶନ

ସଭାପତି - କମ୍ରେଡ କେ. ରାଧାକ୍ରିଷ୍ଣ
ସ୍ୱାଗତ ବକ୍ତବ୍ୟ - କମ୍ରେଡ ଜୟସେନ ମେହେର
ବକ୍ତା - କମ୍ରେଡ ସତ୍ୟବାନ
କମ୍ରେଡ ସ୍ୱପନ ଘୋଷ
କମ୍ରେଡ ଅରୁଣ ସିଂହ
କମ୍ରେଡ ଶଙ୍କର ଦାସଗୁପ୍ତ

ମୁଖ୍ୟ ଅତିଥି
**କମ୍ରେଡ ପ୍ରଭାସ ଘୋଷ**
ସାଧାରଣ ସମ୍ପାଦକ, ଏସ୍ୟୁସିଆଇ(ସି)

**ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ ୟୁନିୟନ ସେଣ୍ଟର (AIUTUC)**


Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das